୧୨-୧୮ ଜାନୁଆରୀ, ୨୦୨୫

ରବିବାର

ସକାଳ
THE SAKALA

# ସିନ୍ଧୁରା

- ପାହାଡ଼ ଓ ପ୍ରଗତି
- ଓଡ଼ିଶାର ପ୍ରାକୃତିକ ବୈଭବ ପାହାଡ଼
- ପାହାଡ଼ରଜା ନିୟମଗିରି
- ବଣ୍ଡା ପାହାଡ଼
- ଶାନ୍ତିର ପାହାଡ଼ ଧଉଳି



# ଗିରି ଶିଖର

ପାହାଡ଼ ବା ପର୍ବତ ପ୍ରକୃତିର ଅନନ୍ୟ ସୃଷ୍ଟି । ଏହା ଆମ ଧର୍ମୀୟ ଓ ସାଂସ୍କୃତିକ ଚେତନା ସହ ଜଡ଼ିତ । ପାହାଡ଼ ହେଉଛି ବହୁ ଦେବଦେବୀଙ୍କ ପୀଠ ଓ ତପସ୍ୱୀଙ୍କ ସାଧନା ସ୍ଥଳୀ । ଯୁଗ ଯୁଗ ଧରି ଏହା ଉପରେ ମଣିଷ ନିର୍ଭରଶୀଳ । ବହୁ ଆଦିମ ଆଦିବାସୀଙ୍କ ପ୍ରିୟ ବାସସ୍ଥଳୀ ହେଉଛି ପାହାଡ଼ । ଏବେ ମଧ୍ୟ ବିଶ୍ୱ ଜନସଂଖ୍ୟାର ୧୩ ପ୍ରତିଶତରୁ ଅଧିକ ଲୋକ ପାର୍ବତ୍ୟାଞ୍ଚଳରେ ବସବାସ କରୁଛନ୍ତି । ଲକ୍ଷ ଲକ୍ଷ ମଣିଷଙ୍କୁ ଜୀବିକା ଯୋଗାଇ ଆସୁଛି ଏହି ପାହାଡ଼ । କିଏ ଔଷଧୀୟ ଜଡ଼ିବୁଟି ସଂଗ୍ରହ କରୁଛି ତ ଆଉ କିଏ କାଠ, ଜଙ୍ଗଲଜାତ ଫୁଲ, ଫଳ, ଦ୍ରବ୍ୟ ସଂଗ୍ରହ କରି ଜୀବିକାର୍ଜନ କରୁଛନ୍ତି । ପୃଥିବୀରେ ପ୍ରାୟ ୨୨ ପ୍ରତିଶତ ପାହାଡ଼ ରହିଛି । ବିଭିନ୍ନ ପାହାଡ଼, ପର୍ବତରୁ ସୃଷ୍ଟି ହୋଇଛି ଅଧିକାଂଶ ନଦୀ ଓ ଝରଣା । ଏହାର ପାଣିରୁ ମାନବ ସଭ୍ୟତାର ବିକାଶ ସମ୍ଭବପର ହୋଇପାରିଛି ।

ଉଚ୍ଚ ଉଚ୍ଚ ପାହାଡ଼ର ସୌନ୍ଦର୍ଯ୍ୟ ସର୍ବଦା ବିମୁଗ୍ଧ କରିଆସିଛି । ଭାରାକ୍ରାନ୍ତ ମନକୁ ହାଲୁକା କରିବା ପାଇଁ ମଣିଷ ଚାଲିଯାଏ ପାହାଡ଼ କୋଳକୁ । ଶାସ୍ତ୍ର, ପୁରାଣରେ ପବିତ୍ର ହିମାଳୟଠାରୁ ଆରମ୍ଭ କରି କୈଳାସ ପର୍ବତ ପର୍ଯ୍ୟନ୍ତ ଅନେକ ପାହାଡ଼ର ବର୍ଣ୍ଣନା ରହିଛି । ପୁଣି ଅନେକ ପାହାଡ଼ ଇତିହାସର ମୂକସାକ୍ଷୀ । ଏହାକୁ ନେଇ ରହିଛି କେତେ ରୋଚକ ଗାଥା ଓ କିମ୍ବଦନ୍ତୀ । ଯାହା ପାହାଡ଼ ସହିତ ଏକ ଭାବାତ୍ମକ ସଂପର୍କ ଯୋଡ଼ି ଦିଏ । ଗୋଟିଏ ପଟେ ଔଷଧୀୟ ବୃକ୍ଷ, ଗୁଳ୍ମଲତା ଓ ଅନ୍ୟପଟେ ବିଭିନ୍ନ ଖଣିଜ ସଂପଦରେ ଭରପୂର ପାହାଡ଼ । ତେଣୁ ମଣିଷର ଲୋଭିଲା ଆଖି ସର୍ବଦା ଏହାରି ଉପରେ ରହିଛି । ନିଜର ସ୍ୱାର୍ଥ ପାଇଁ ଲୋକେ ପାହାଡ଼କୁ ଖନନ କରି ଧ୍ୱଂସ କରି ଦେଉଛନ୍ତି । ତେଣୁ ପାର୍ବତୀୟ କ୍ଷେତ୍ରର ବିକାଶ ଉପରେ ଜନସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ସାରା ବିଶ୍ୱରେ ଡିସେମ୍ବର ୧୧ ତାରିଖକୁ 'ଆନ୍ତର୍ଜାତିକ ପର୍ବତ ଦିବସ' ଭାବେ ପାଳନ କରାଯାଏ । ମଣିଷ ସମାଜ ପ୍ରତି ପାହାଡ଼ର ଅବଦାନକୁ କେହି ଭୁଲି ପାରିବେ ନାହିଁ । କେବଳ ମଣିଷ ସମାଜ ନୁହେଁ, ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଏହା ନିର୍ଭୟ ଆଶ୍ରୟ ସ୍ଥଳ । ସାମାଜିକ, ଅର୍ଥନୈତିକ ତଥା ସାଂସ୍କୃତିକ କ୍ଷେତ୍ରରେ ପାହାଡ଼ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଛି । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କେତେକ ପ୍ରମୁଖ ପାହାଡ଼ର ବିଶେଷତ୍ୱ ପୌରାଣିକ ଗାଥା, କିମ୍ବଦନ୍ତୀ ଆଦିକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ପ୍ରତିବେଦନ : **ଗିରି ଶିଖର**

ପ୍ରସ୍ତୁତି 'ସକାଳ' ବ୍ୟୁରୋ



## କେମିତି କଟିବ ସପ୍ତାହ

**ମେଷ**
ରବି,ସୋମବାରରେ କୌଣସି ସ୍ଥାନରୁ ଶୁଭ ଖବର ପାଇବେ । ମଙ୍ଗଳ,ବୁଧବାରରେ ଦାମ୍ପତ୍ୟ ଜୀବନରେ ଭିନ୍ନ ମୋଡ଼ ସୃଷ୍ଟି ହୋଇପାରେ । ଗୁରୁ,ଶୁକ୍ରବାରରେ ସରକାରୀ କାର୍ଯ୍ୟ ପୂର୍ଣ୍ଣ ହେବ । ଅତ୍ୟଧିକ ଖର୍ଚ୍ଚ ଚିନ୍ତାର କାରଣ ହୋଇପାରେ । ଶନିବାରରେ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ସଫଳତା ପାଇବେ ।

**ବୃଷ**
ରବି, ସୋମବାରରେ ନୂଆଲୋକଙ୍କ ସହ ସମ୍ପର୍କ ଯୋଡ଼ିହେବ । ମଙ୍ଗଳ, ବୁଧବାରରେ ବିବାଦୀୟ ପରିସ୍ଥିତିରୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ । ଗୁରୁ,ଶୁକ୍ରବାରରେ ଅସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ପାଇବେ । ଶନିବାରରେ ସ୍ୱାସ୍ଥ୍ୟଜନିତ ସମସ୍ୟା ଉପୁଜିପାରେ ।

**ମିଥୁନ**
ରବି,ସୋମବାରରେ ନକାରାତ୍ମକ ଭାବନାରୁ ଦୂରେଇ ରୁହନ୍ତୁ । ଅକସ୍ମାତ୍ ଧନ ଆଗମନର ସମ୍ଭାବନା ରହିଛି । ମଙ୍ଗଳ,ବୁଧବାରରେ କଥା କହିବା ସମୟରେ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ । ଗୁରୁ,ଶୁକ୍ରବାରରେ କଠିନ ପରିଶ୍ରମର ଫଳ ପାଇବେ । ଶନିବାରରେ ସମସ୍ୟା ସମାଧାନର ରାସ୍ତା ପାଇବେ ।

**କର୍କଟ**
ରବି,ସୋମବାରରେ ରାଜନୀତିରେ ନିଜର ପ୍ରଭାବ ବିସ୍ତାର କରିବେ । ମଙ୍ଗଳ,ବୁଧବାରରେ ଦୀର୍ଘଦିନ ଧରି ପଡ଼ିଥିବା କାର୍ଯ୍ୟ ପୂର୍ଣ୍ଣ ହେବ । ଗୁରୁ, ଶୁକ୍ରବାରରେ ଜୀବନସାଥୀଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ । ଶନିବାରରେ ସାଙ୍ଗସାଥୀଙ୍କ ସହାୟତାରେ ବ୍ୟବସାୟରେ ଉନ୍ନତି କରିବେ ।

**ସିଂହ**
ରବି,ସୋମବାରରେ ପୈତୃକ ସମ୍ପତ୍ତିର ଅଧିକାରୀ ହେବେ । ବ୍ୟବସାୟ ପାଇଁ ନୂତନ ସୁଯୋଗ ପାଇବେ । ମଙ୍ଗଳ,ବୁଧବାରରେ ଆର୍ଥିକ ସ୍ଥିତି ମଜଭୁତ ହେବ । ଯାତାୟାତରେ ସାବଧାନ ରୁହନ୍ତୁ । ଗୁରୁ, ଶୁକ୍ରବାରରେ କର୍ମକ୍ଷେତ୍ରରେ ପୂର୍ବରୁ ପରିଶ୍ରମର ଫଳ ପାଇବେ । ଶନିବାରରେ ଜୀବନସାଥୀଙ୍କ ସହଯୋଗ ପାଇବେ ।

**କନ୍ୟା**
ରବି,ସୋମବାରରେ ପରିବାର ସହଯୋଗ କ୍ରମେ ଆଗକୁ ଅଗ୍ରସର ହେବେ । ମଙ୍ଗଳ,ବୁଧବାରରେ ସମାଜରେ ସମ୍ମାନ ବଢ଼ିବ । ନିଜ ଲକ୍ଷ୍ୟ ପୂରଣ କରିବା ଦିଗରେ କାର୍ଯ୍ୟ କରିବେ । ଗୁରୁ,ଶୁକ୍ରବାରରେ କାର୍ଯ୍ୟକ୍ଷେତ୍ରରେ ବାଧା ଉପୁଜିପାରେ । ଶନିବାରରେ କ୍ୟାରିୟରରେ ନୂତନ ଦିଗନ୍ତ ସୃଷ୍ଟି ହେବ ।

**ତୁଳା**
ରବି,ସୋମବାରରେ କୌଣସି କାର୍ଯ୍ୟ କରିବା ପୂର୍ବରୁ ସାବଧାନ ରୁହନ୍ତୁ । ମଙ୍ଗଳ,ବୁଧବାରରେ କ୍ୟାରିୟର ନେଇ କିଛି ସମସ୍ୟା ଦେଖାଦେଇପାରେ । ଗୁରୁ,ଶୁକ୍ରବାରରେ କର୍ମସ୍ଥଳୀରେ ଉଚ୍ଚ ଅଧିକାରୀଙ୍କ ସଂପୂର୍ଣ୍ଣ ସହଯୋଗ ପାଇବେ । ଶନିବାରରେ ଅଯଥା କାର୍ଯ୍ୟରେ ସମୟ ନଷ୍ଟ କରନ୍ତୁ ନାହିଁ ।

**ବିଛା**
ରବି,ସୋମବାରରେ ଜୀବନରେ କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି । ମଙ୍ଗଳ,ବୁଧବାରରେ ବିଦେଶ ଯାତ୍ରା ଯୋଗ ରହିଛି । ଗୁରୁ,ଶୁକ୍ରବାରରେ ପରିବାର ସହ କୌଣସି ଧାର୍ମିକସ୍ଥଳୀ ଯାଇପାରନ୍ତି । ସନ୍ତାନମାନଙ୍କ ଉନ୍ନତି ଦେଖି ଆନନ୍ଦିତ ହେବେ । ଶନିବାରରେ ବିଭିନ୍ନ କ୍ଷେତ୍ରରୁ ଲାଭ ପାଇବେ ।


**ଧନୁ**
ରବି, ସୋମବାରରେ ଗୁରୁଜନଙ୍କ ସ୍ୱାସ୍ଥ୍ୟ ପ୍ରତି ସମ୍ପୂର୍ଣ୍ଣ ଯତ୍ନବାନ ହେବାକୁ ପଡ଼ିବ । ମଙ୍ଗଳ, ବୁଧବାରରେ ବାକ୍ୟ ଉପରେ ସଂଯମତା ରକ୍ଷା କରନ୍ତୁ । ଗୁରୁ, ଶୁକ୍ରବାରରେ ଦୂରଯାତ୍ରାରୁ ଲାଭବାନ ହେବେ । ଶନିବାରରେ ପରିବାରରେ ଲାଗିରହିଥିବା ଭୁଲ ବଝାମଣାକୁ ଦୂର କରିବେ ।

**ମକର**
ରବି,ସୋମବାରରେ କର୍ମକ୍ଷେତ୍ରରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଦେବ । ମଙ୍ଗଳ,ବୁଧବାରରେ ଶତ୍ରୁବୃଦ୍ଧି ହେବା ସହ କାର୍ଯ୍ୟହାନି ହୋଇପାରେ । ଗୁରୁ,ଶୁକ୍ରବାରରେ ମହିଳାମାନେ ଚଳଚଞ୍ଚଳ ରହିବେ । ବ୍ୟବସାୟିକ ପ୍ରସାର ହେବ । ଶନିବାରରେ ସମାଜରେ ପ୍ରତିଷ୍ଠା ବୃଦ୍ଧି, ସୁଖସନ୍ତୋଷ ପ୍ରାପ୍ତି ହେବ ।

**କୁମ୍ଭ**
ରବି,ସୋମବାରରେ ସନ୍ତାନମାନଙ୍କ ଉନ୍ନତି ପାଇଁ ବିଭିନ୍ନ ପ୍ରକାର ପ୍ରଚେଷ୍ଟା ଜାରି ରଖିବେ । ମଙ୍ଗଳ,ବୁଧବାରରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ ପୂରା ହୋଇପାରେ ଗୁର,ଶୁକ୍ରବାରରେ ବେରୋଜଗାରୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିପାରେ । ଶନିବାରରେ ପାରିବାରିକ ନିବିଡ଼ତା ବୃଦ୍ଧି ପାଇବ ।

**ମୀନ**
ରବି,ସୋମବାରରେ ପରିବାରରେ ଆନନ୍ଦଉଲ୍ଲାସ ଦେଖାଦେବ । ମଙ୍ଗଳ, ବୁଧବାରରେ ବିଭିନ୍ନ କ୍ଷେତ୍ରରୁ ସଫଳତା ପାଇବେ । ବ୍ୟବସାୟ ବିସ୍ତାର ପାଇଁ ନୂତନ ପଥ ଉନ୍ମୋଚନ ହେବ । ଗୁରୁ,ଶୁକ୍ରବାରରେ ସୁଖ ସନ୍ତୋଷର ଅଧିକାରୀ ହେବେ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଶନିବାରରେ ମହିଳାମାନେ ମନୋବଳ ଦୃଢ଼ କରି ଆଗକୁ ବଢ଼ିବେ ।

ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com



ପାହାଡ଼ କେବଳ ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର କିମ୍ବା ସାଂସ୍କୃତିକ ଐତିହ୍ୟର ମୂକସାକ୍ଷୀ ନୁହେଁ, ଏହା ଆମ ଜୀବନ ଜୀବିକାର ଆଧାର। ପାହାଡ଼ରୁ ସୃଷ୍ଟିହୁଏ ଝରଣା ଓ ଝରଣାରୁ ନଦୀ। ସେହି ନଦୀ କୂଳରେ ଗଢ଼ିଉଠେ ଜନବସତି। ଅର୍ଥାତ୍ ମାନବ ସଭ୍ୟତାର ମୂଳ ହେଉଛି ପାହାଡ଼। କେବଳ ପାନୀୟଜଳ ଯୋଗାଣ କି କୃଷିର ବିକାଶ ନୁହେଁ, ପାହାଡ଼ରୁ ଝରୁଥିବା ଝରଣା ଉପରେ ନିର୍ଭର କରି ବଞ୍ଚୁଛନ୍ତି ଅନେକ ପ୍ରଜାତିର ପ୍ରାଣୀ। ପାହାଡ଼ ମୁଣ୍ଡିଆରୁ ବୃକ୍ଷଲତା କମିଗଲେ, ଉପତ୍ୟକା ଅଞ୍ଚଳ ଓ ତତ୍‌ସଂଲଗ୍ନ ସମତଳ ଭୂମିରେ ଅସ୍ତିତ୍ୱ ହରାଇବସେ ଜଳପ୍ରବାହର ଉତ୍ସ। ପାଣି ବିନା ଡହଳବିକଳ ହୋଇ ମରିଯାନ୍ତି ଅନେକ ଜୀବଜନ୍ତୁ।

**ପାହାଡ଼ ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି। ପୃଥିବୀର ଭୂଗର୍ଭରେ ଥିବା ଦୁର୍ମୂଲ୍ୟ ଖଣିଜ ସମ୍ପଦ ଭଳି ପାହାଡ଼ଗୁଡ଼ିକର ପ୍ରାକୃତିକ ସମ୍ପଦ ମାନବ ସମାଜ ଓ ସଭ୍ୟତା ପାଇଁ ଅମୂଲ୍ୟ ବରଦାନ। ଦୂରରୁ ଚାହିଁଦେଲେ ପାହାଡ଼ଗୁଡ଼ିକ ଦିଶନ୍ତି ଧ୍ୟାନରତ ତପସ୍ୱୀ ପରି। ସବୁଜବନାନୀ ପରିବେଷ୍ଟିତ ପାହାଡ଼ଗୁଡ଼ିକର ମଥାନକୁ ମେଘମାଳ ଛୁଇଁଯାଉଥିବାର ଦୃଶ୍ୟ ଅତ୍ୟନ୍ତ ମନୋରମ। ଚିରକାଳ ମୌନମୁଦ୍ରାରେ ଦଣ୍ଡାୟମାନ ପାହାଡ଼ଗୁଡ଼ିକ କେବଳ କିଛି ପଥର ମାଟିଗୋଡ଼ି କିମ୍ବା ବୃକ୍ଷଲତାର ସମାହାର ନୁହେଁ, ସେସବୁ ନିର୍ଜୀବ ପାହାଡ଼ ଦେହରେ ରହିଛି ମାନବୀୟ ଜୀବନସତ୍ତା। ଶହଶହ ବର୍ଷର ଇତିହାସର ଦୂରନ୍ତ ସମୟକୁ ଧରି ଛିଡ଼ାହୋଇଥିବା ଗିରିମାଳା ଦେହରେ ଲିପିବଦ୍ଧ ହୋଇ ରହିଛି ବିଭିନ୍ନ ଅଞ୍ଚଳରେ ଗୌରବମୟ କୀର୍ତ୍ତି, ସଂସ୍କୃତି, ଐତିହ୍ୟ ଓ ପରଂପରାର ଗାଥା। ଓଡ଼ିଶାର ପାହାଡ଼କୁ ନେଇ ଥିବା ପୁରାଣ, ଇତିହାସ, କିମ୍ବଦନ୍ତୀ, ବୃକ୍ଷରାଜି, ପ୍ରାକୃତିକ ସଂପଦ ଆଦିକୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା।**

# ପାହାଡ଼ ଓ ପ୍ରଗତି




ଡକ୍ଟର ପ୍ରଫୁଲ୍ଲ କୁମାର ସାହୁ

## ପ୍ରକୃତିର ଅମୂଲ୍ୟ ବରଦାନ ପାହାଡ଼

ପୃଥିବୀରେ ପାଖାପାଖି ୨୨ ପ୍ରତିଶତ ସ୍ଥାନ ପାହାଡ଼ମୟ ଏବଂ ପୃଥିବୀର ସମୁଦାୟ ଜନସଂଖ୍ୟାର ୧୩ ପ୍ରତିଶତ ଲୋକ ବାସକରନ୍ତି ପାର୍ବତ୍ୟ ଅଞ୍ଚଳରେ। କେବଳ ଉନ୍ନତମାନର ଖାଦ୍ୟ ଓ ଔଷଧ ନୁହେଁ, ପାହାଡ଼ରୁ ମିଳିଥାଏ ୬୦ ରୁ ୮୦ ଭାଗ ବିଶୁଦ୍ଧ ଜଳ। ଆମେରିକାର ନ୍ୟୁୟର୍କ, ଆଫ୍ରିକାର ନାଇରୋବି ଏବଂ ଜାପାନର ଟୋକିଓ ଆଦି ବିଶ୍ୱବିଖ୍ୟାତ ସହରଗୁଡ଼ିକ ବିଶୁଦ୍ଧ ଜଳ ପାଇଁ ପାହାଡ଼ ଉପରେ ନିର୍ଭରଶୀଳ। ଗୋଟିଏ ଅଞ୍ଚଳକୁ ଶସ୍ୟଶ୍ୟାମଳା କରିବା ଦିଗରେ ଗିରିମାଳାର ଭୂମିକା ଅତୁଳନୀୟ। ପରିବେଶ ବିଜ୍ଞାନୀଙ୍କ ମତରେ ମେଘାସନ ପର୍ବତମାଳା ନଥିଲେ ଦୟନୀୟ ହୋଇ ପଡ଼ିଥାନ୍ତା ଓଡ଼ିଶାରେ କୃଷିର ସ୍ଥିତି। ଅନେକ ପାହାଡ଼ରେ ରହିଛି ବହୁ ପରିମାଣରେ ଖଣିଜ ସଂପଦ। ରାସ୍ତାଘାଟ, ଗୃହନିର୍ମାଣ ଇତ୍ୟାଦି ନିମନ୍ତେ ଆବଶ୍ୟକ ହେଉଥିବା ପଥର ସଂଗ୍ରହ ପାଇଁ ଡିନାମାଇଟ୍ ବ୍ଲାଷ୍ଟିଂ ଦ୍ୱାରା ଅବିଚାରିତ ଭାବେ ଭଙ୍ଗା ଯାଉଛି ପାହାଡ଼। ରାତିଦିନ ବୁହାହେଉଛି ଟ୍ରକ୍ ଟ୍ରକ୍ ପଥର। ଅନେକ ପାହାଡ଼କୁ ଭାଙ୍ଗି ବିଭିନ୍ନ ଖଣିଜ ଦ୍ରବ୍ୟ ଉତ୍ତୋଳନ କରାଯାଉଛି।

ପାହଡ଼ମୟ ପ୍ରାକୃତିକ ପରିବେଶରେ ସମୃଦ୍ଧ ହୋଇଛି ଆମ ସଂସ୍କୃତି। ହଜାର ହଜାର ବର୍ଷ ପୂର୍ବରୁ ପାହାଡ଼ ପର୍ବତର ଗୁରୁତ୍ୱ ଉପଲବ୍ଧି କରି ଏହାକୁ ପୂଜା କରୁଥିଲେ ଆମ ପୂର୍ବଜମାନେ। ଅଥଚ ଆଧୁନିକ ମଣିଷର ସ୍ୱାର୍ଥପରତା ପାଇଁ ପାହାଡ଼ ପର୍ବତ ଏବେ ଦ୍ରୁତ ଅବକ୍ଷୟଗାମୀ। ବିକାଶ ଆଳରେ ପାହାଡ଼ ପର୍ବତଗୁଡ଼ିକୁ ଧ୍ୱଂସ କରିବା ପାଇଁ ଆଖିବୁଜା ଅନୁମତି ଦେବାପୂର୍ବରୁ ସରକାର ଅନ୍ତତଃ ଭାବିବା ଦରକାର ପାହଡ଼ ହେଉଛି ପ୍ରକୃତିର ସୃଷ୍ଟି। ସରକାର ଚାହିଁଲେ ବିପୁଳ ଅର୍ଥ ବ୍ୟୟରେ ଗଢ଼ି ଦେଇ ପାରିବେ ରାସ୍ତାଘାଟ ଓ କଳକାରଖାନା ଏବଂ ବୃକ୍ଷରୋପଣ କରି ବିସ୍ତୀର୍ଣ୍ଣ ଭୂମିରେ ଭରିଦେଇ ପାରିବେ ସବୁଜିମା। ମାତ୍ର ପାହଡ଼ଟିଏ ସୃଷ୍ଟି କରିବା ମଣିଷର ସାମର୍ଥ୍ୟ ବାହାରେ। ତେଣୁ ପାହାଡ଼କୁ ଧ୍ୱଂସ କରିବାର ଅଧିକାର କାହାର ନାହିଁ। ଯେଉଁମାନେ ନିଜକୁ ବିକାଶର ମଙ୍ଗୁଆଳ କହି ପାହାଡ଼ ଭାଙ୍ଗୁଛନ୍ତି, ଲୁଟୁଛନ୍ତି, ଧ୍ୱଂସ କରୁଛନ୍ତି, ସେମାନେ ସମଗ୍ର ଜୀବଜଗତର ଶତ୍ରୁ ପଦବାଚ୍ୟ।





# ଓଡ଼ିଶାର ପାହାଡ଼

ଓଡ଼ିଶାର ଅନେକ ଜିଲ୍ଲା ବଣପାହାଡ଼ ଘେରା । ପାହାଡ଼ପର୍ବତର ଆକର୍ଷଣ ଅନନ୍ୟ । ଓଡ଼ିଶାର ସୌନ୍ଦର୍ଯ୍ୟ ହେଉଛି ତା'ର ଘନ ସବୁଜ ବନଭୂମି ଓ ତରଙ୍ଗାୟିତ ନୀଳ ପର୍ବତମାଳା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର ଜାତୀୟ ସଙ୍ଗୀତରେ ଲେଖିଛନ୍ତି- "ଘନଘନ ବନଭୂମି ରାଜିତ ଅଙ୍ଗେ, ନୀଳ-ଭୂଧରମାଳା ସାଜି ତରଙ୍ଗେ" । ଚିର ମଉନ ମୁଦ୍ରାରେ ଛିଡ଼ା ହୋଇଥିବା ପାହାଡ଼ଗୁଡ଼ିକ କେବଳ ନୈସର୍ଗିକ ଶୋଭାରାଜିର ଭଣ୍ଡାର ନୁହେଁ, ସେସବୁର ବୁକୁରେ ଲିପିବଦ୍ଧ ହୋଇ ରହିଛି ଆମ ଐତିହ୍ୟ, ପରମ୍ପରା ଓ କୀର୍ତ୍ତିରାଜିର ଅସରନ୍ତି ସ୍ମୃତି । ବରୁଣେଇ ପାହାଡ଼ ଯେମିତି ପାଇକ ବିଦ୍ରୋହର ସ୍ମୃତି ବହନ କରିଛି, ଧଉଳି ପାହାଡ଼ ସେମିତି ଗାଇ ଚାଲିଛି କଳିଙ୍ଗ ସେନାର ବୀରତ୍ୱ, ସାହସ ଓ ତ୍ୟାଗର ଗାଥା । ଆମ ରାଜ୍ୟର ମହେନ୍ଦ୍ର ଗିରି, ଦେଓମାଳି, ଗନ୍ଧମାର୍ଦ୍ଦନ, କପିଳାସ, ନିୟମଗିରି ଆଦି ପାହାଡ଼ ପର୍ବତ ବେଶ୍ ପ୍ରସିଦ୍ଧ । ସେହିପରି ଦେବଗିରି, ଡୁମୁରିପୁଟ, ପୁଟସିଲ୍, ସିଙ୍ଗାରନ୍, ଓଳାଶୁଣି, ବଣ୍ଡା ପାହାଡ଼, ମାଲ୍ୟଗିରି, ପଞ୍ଚଧାରା, ଧଉଳି, ବରୁଣେଇ, ମାଲ୍ୟବନ୍ତ, ଶିଙ୍ଗୁମାଲି, ବାଫଲି ମାଳି, ଜଗମୁଣ୍ଡା ପାହାଡ଼, ଋଷି ପର୍ବତ, ଚମ୍ପା ଝରଣ, ଡିମୁଳି, ସୁବର୍ଣ୍ଣଗିରି ଆଦି ଅନେକ ଛୋଟ ବଡ଼ ପାହାଡ଼ପର୍ବତ ରହିଛି । ଏହି ସବୁ ପାହାଡ଼ର ପ୍ରାକୃତିକ ପରିବେଶ ଅତ୍ୟନ୍ତ ମୁଗ୍ଧକର । ସେହିପରି ଏଠାରେ ଭରିରହିଛି ବିପୁଳ ପରିମାରେ ଖଣିଜ ସଂପଦ । କେତେକ ପାହାଡ଼ ହେଉଛି ଆଦିମ ଆଦିବାସୀଙ୍କ ବସସ୍ଥଳୀ । ଏହି ସବୁ ପାହାଡ଼ ଉପରେ ନିର୍ଭର କରି ଅନେକ ଲୋକ ଜୀବିକାର୍ଜନ କରୁଛନ୍ତି । ବହୁ ଔଷଧୀୟ ବୃକ୍ଷଲତା ମଧ୍ୟ ରହିଛି ରାଜ୍ୟର ବିଭିନ୍ନ ପାହାଡ଼ରେ । ଏହି ସବୁ ଔଷଧୀୟ ଗଛଲତା ସଂଗ୍ରହ କରି ଅନେକ ପ୍ରକାର ଔଷଧ ତିଆରି କରାଯାଉଛି ।



## ପୁରାଣ ପ୍ରସିଦ୍ଧ ଗନ୍ଧମାର୍ଦ୍ଦନ ପାହାଡ଼



ପାହାଡ଼ର ସାମଗ୍ରିକ ସୌନ୍ଦର୍ଯ୍ୟ କଥା ବିଚାର କଲେ ପୁରାଣ ପ୍ରସିଦ୍ଧ 'ଗନ୍ଧମାର୍ଦ୍ଦନ' ପାହାଡ଼ ହେଉଛି ସୁନ୍ଦର ପ୍ରକୃତି, ସୁନ୍ଦର ସଂସ୍କୃତି ସହ ସୁନ୍ଦରତାର ଏକ ଗନ୍ତାଘର । ସମୁଦ୍ର ପଉନଠାରୁ ୧୨ଶହ ମିଟର ଉଚ୍ଚତା ଓ ସମତଳ ଅଞ୍ଚଳଠାରୁ ୭ଶହ ମିଟର ଉଚ୍ଚରେ ଅବସ୍ଥିତ ଗନ୍ଧମାର୍ଦ୍ଦନ ହେଉଛି ବରଗଡ଼ ଓ ବଲାଙ୍ଗୀର ଜିଲ୍ଲାର ପ୍ରାକୃତିକ ପ୍ରାଚୀର । ଉଭୟ ଜିଲ୍ଲାକୁ ଯୋଡୁଥିବା ଏହି ପାହାଡ଼ର ବଲାଙ୍ଗୀର ପଟରେ ରହିଛି ପବିତ୍ର ହରିଶଙ୍କର ପୀଠ ଓ ବରଗଡ଼ ପଟରେ ନୃସିଂହନାଥ ମନ୍ଦିର । ରାମାୟଣର ବର୍ଣ୍ଣନା ଅନୁସାରେ ରାମ-ରାବଣ ଯୁଦ୍ଧ ସମୟରେ ହିମାଳୟରୁ ବିଶଲ୍ୟକରଣୀ ଆଣିବାକୁ ଯାଇ ସମଗ୍ର ଗନ୍ଧମାର୍ଦ୍ଦନ ପର୍ବତକୁ ଉଠେଇ ଆଣିଥିଲେ ଭକ୍ତ ହନୁମାନ । ଏହି ପୌରାଣିକ ଉପାଖ୍ୟାନ ସହିତ ଯୋଡ଼ି ହୋଇଯାଇଛି ଆଉ ଏକ ଜନଶ୍ରୁତି । ହନୁମାନ ଗନ୍ଧମାର୍ଦ୍ଦନ ପର୍ବତ ନେଇ ଲଙ୍କା ଫେରିବା ବେଳେ ପାହାଡ଼ର କିଛି ଅଂଶ ଓଡ଼ିଶାର ବରଗଡ଼ ଓ ବଲାଙ୍ଗିର ଜିଲ୍ଲା ସୀମାରେ ଥିବା ବିନ୍ଧ୍ୟଗିରି ଉପରେ ଖସି ପଡ଼ିଥିଲା ଏବଂ ବିନ୍ଧ୍ୟଗିରିର ପରିବର୍ତ୍ତିତ ନାମ ହେଲା ଗନ୍ଧମାର୍ଦ୍ଦନ ।


## ଆୟୁର୍ବେଦର ସ୍ୱର୍ଗ ଗନ୍ଧମାର୍ଦ୍ଦନ

ଗନ୍ଧମାର୍ଦ୍ଦନକୁ ନେଇ ରହିଥିବା କିମ୍ବଦନ୍ତୀର ସତ୍ୟତା ଯାଉ ଥାଉ ନା କାହିଁକି, ଏହାର ପ୍ରାସଙ୍ଗିକତାକୁ ସିଦ୍ଧ କରୁଛି ଆୟୁର୍ବେଦର ସ୍ୱର୍ଗ ଭାବେ ପରିଚିତି ଗନ୍ଧମାର୍ଦ୍ଦନ । ଏହି ପାହାଡ଼ରେ ରହିଛି ଅସଂଖ୍ୟ ଔଷଧୀୟ ବୃକ୍ଷଲତା । ତଥ୍ୟ ଅନୁସାରେ ଏଠାରେ ପ୍ରାୟ ୨୪୦ ପ୍ରକାର ଜୀବନ ରକ୍ଷାକାରୀ ଔଷଧୀୟ ଗୁଳ୍ମ ଓ ୫ ଶହ ପ୍ରକାରର ଦୁର୍ଲ୍ଲଭ ଔଷଧୀୟ ଗଛ ଉପଲବ୍ଧ, ଯା'ର ଆକର୍ଷଣରେ ଏଠାକୁ ଗବେଷଣା ପାଇଁ ଛୁଟି ଆସନ୍ତି ଅନେକ ବିଦ୍ୟାର୍ଥୀ, ଚିକିତ୍ସକ ଓ ସାଧୁସନ୍ଥ । ଏଠାରୁ ଜଡ଼ିବୁଟି ସଂଗ୍ରହ କରି ଉପଚାର କରନ୍ତି ପାହାଡ଼ ପାଦଦେଶରେ ଥିବା ଶହ ଶହ ବୈଦ୍ୟ । କେବଳ ସ୍ଥାନୀୟ ବୈଦ୍ୟ ନୁହଁନ୍ତି, ଗନ୍ଧମାର୍ଦ୍ଦନ ଉପରେ ନିର୍ଭର କରନ୍ତି ଦେଶର ଅନେକ ବଡ଼ବଡ଼ ଔଷଧ ପ୍ରସ୍ତୁତକାରୀ ସଂସ୍ଥା । ଭାରତୀୟ ଚିକିତ୍ସା ପ୍ରଣାଳୀର ପ୍ରାଚୀନ ବିଧି ହେଉଛି ଆୟୁର୍ବେଦ । ତେଣୁ ଆୟୁର୍ବେଦ ବିଜ୍ଞାନର ସଫଳ ଗବେଷଣା ଓ ଅଧ୍ୟୟନ ନିମନ୍ତେ ଏଠାରେ ସରକାରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି 'ଶ୍ରୀ ଶ୍ରୀ ନୃସିଂହନାଥ ଆୟୁର୍ବେଦ ମହାବିଦ୍ୟାଳୟ ଗବେଷଣା ପ୍ରତିଷ୍ଠାନ' ।





## ବୌଦ୍ଧତନ୍ତ୍ରର ଆଦିପୀଠ ଗନ୍ଧମାର୍ଦ୍ଦନ



ଇତିହାସ କହେ, ବହୁ ବର୍ଷ ପୂର୍ବରୁ ଏଠାରେ ପରିମଳଗିରି ନାମରେ ଏକ ବିଶ୍ୱବିଦ୍ୟାଳୟ ଥିଲା, ଯେଉଁଠି ଜ୍ଞାନ ଆହରଣ କରୁଥିଲେ ଦେଶ ବିଦେଶର ଅନେକ ବିଦ୍ୟାର୍ଥୀ । ସପ୍ତମ ଶତାବ୍ଦୀରେ ଏଠାକୁ ଆସିଥିବା ଚୀନ୍ ପରିବ୍ରାଜକ ହୁଏନସାଂ ଏକଥା ଲିପିବଦ୍ଧ କରିଛନ୍ତି ତାଙ୍କ ଭାରତ ଭ୍ରମଣ ବିବରଣୀରେ । ବୌଦ୍ଧତନ୍ତ୍ରର ଆଦିପୀଠ ଗନ୍ଧମାର୍ଦ୍ଦନ । ଏଇଠି ସାଧନା କରି ସିଦ୍ଧିଲାଭ କରିଥିଲେ ବୌଦ୍ଧ-ମହାଯାନୀ ସମ୍ପ୍ରଦାୟର ତନ୍ତ୍ର ଶିରୋମଣି ତଥା ବୌଦ୍ଧତନ୍ତ୍ରର ପ୍ରବର୍ତ୍ତକ ନାଗାର୍ଜୁନ । ତାଙ୍କରି ଲେଖନୀରୁ ଏଠାରେ ନିସୃତ ହୋଇଥିଲା ବୌଦ୍ଧତନ୍ତ୍ରର ମୂଳଶାସ୍ତ୍ର 'ମଞ୍ଜୁଶ୍ରୀ ମୂଳକଳ୍ପ' । ଏହି ସିଦ୍ଧପୀଠରୁ ହିଁ ପ୍ରଜ୍ଞାପାରମିତା ସାହିତ୍ୟର ଉନ୍ମେଷ ଓ ବିକାଶ ହୋଇଛି । ଏଇଠି ଲେଖାଯାଇଛି ପାରମିତାବାଦର ଆଦିଗ୍ରନ୍ଥ 'ଅଷ୍ଟସାହସ୍ରିକ ପ୍ରଜ୍ଞାପାରମିତା' ତଥା 'ଅଷ୍ଟସାହସ୍ରିକ', 'ପଞ୍ଚବିଂଶତି ସାହସ୍ରିକ' ଓ 'ଶତ ସାହସ୍ରିକ' ଇତ୍ୟାଦି ରାଶି ରାଶି ଗ୍ରନ୍ଥ । କିମ୍ବଦନ୍ତୀ ଅନୁସାରେ ଏହି ପାହାଡ଼ ଉପରେ ସାଧନା କରୁଥିଲେ ମହର୍ଷି କପିଳ । ନୃସିଂହ ଉପାସନାର ଆଦିପୀଠ ଗନ୍ଧମାର୍ଦ୍ଦନ । ପାହାଡ଼ର ଉତ୍ତର ପାର୍ଶ୍ୱରେ ନୃସିଂହନାଥ ଓ ଦକ୍ଷିଣ ପାର୍ଶ୍ୱରେ ହରିଶଙ୍କର ବିରାଜିତ, ଯେଉଁ ଦୁଇ ପ୍ରସିଦ୍ଧ ତୀର୍ଥକ୍ଷେତ୍ର ପାଇଁ ଓଡ଼ିଶାର ପର୍ଯ୍ୟଟନ ପ୍ରେକ୍ଷାପଟରେ ଏହାର ପରିଚୟ ସ୍ୱତନ୍ତ୍ର । ଦୈନିକ ଏଠାରେ ହଜାର ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଭିଡ଼ ହେଉଥିବାରୁ ପ୍ରାକୃତିକ ଶୋଭାରାଜିରରେ ସୁଶୋଭିତ ଏହି ଦୁଇ ପୀଠକୁ ମିଳିଛି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା । ୧୯୮୦ ମସିହାରେ ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ (ଜି.ଏସ୍.ଆଇ.), ଓଡ଼ିଶା ଡାଇରେକ୍ଟୋରେଟ୍ ଅଫ୍ ସାଇନ୍ସ (ଓ.ଡି.ଏମ୍.) ଓ ମିନେରାଲସ୍ କର୍ପୋରେସନ୍ ଲିମିଟେଡ୍ (ଏମ୍.ସି.ଏଲ.) ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାଗଲା ଯେ, ଗନ୍ଧମାର୍ଦ୍ଦନ ପର୍ବତର ଉପରି ଭାଗରେ ରହିଛି ପ୍ରଚୁର ପରିମାଣରେ ଉନ୍ନତ ମାନର ବକ୍ସାଇଟ୍ । ପ୍ରାୟତଃ ୭ କି.ମି ବ୍ୟାପୀ ଲମ୍ବରେ ୭୩୫ ହେକ୍ଟର ଜମିରେ ବକ୍ସାଇଟ୍ ରହିଛି । ଏହି ପାହାଡ଼ର ଚାରିପାଖରେ ରହିଛି ଅନେକ ଆଦିବାସୀ ଗାଁ । ଯେଉଁ ଗାଁର ଲୋକେ ଜୀବିକା ପାଇଁ ନିର୍ଭର କରନ୍ତି ଏହି ପୁରାଣ ପ୍ରସିଦ୍ଧ ପାହାଡ଼ ଉପରେ । ବହୁ ଚିରସ୍ରୋତା ଝରଣା ଝରି ପଡୁଛି ଏହି ପାହାଡ଼ରୁ । ଜୈବବିବିଧତାର ଅସୁମାରି ଭଣ୍ଡାର ହେଉଛି ଗନ୍ଧମାର୍ଦ୍ଦନ । ପାହାଡ଼ର ପାଦଦେଶରେ ରହିଛି ନୃସିଂହନାଥ ମନ୍ଦିର । ଏଠାରେ ପୂଜା ପାଉଛନ୍ତି ନୃସିଂହ ବାବା । ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମି ଏହି ପର୍ଯ୍ୟଟନ ପୀଠରେ ।



# ମେଘାସନୀ ପର୍ବତମାଳା

ଶୋଭାର ଭଣ୍ଡାର ଭଞ୍ଜଭୂମି ମୟୂରଭଞ୍ଜ ଜିଲ୍ଲାର ମଧଭାଗରେ ଅବସ୍ଥିତ ଶିମିଳିପାଳ ଜୈବମଣ୍ଡଳ। ୨୭୫୦ ବର୍ଗ କି.ମି. କ୍ଷେତ୍ରଫଳ ବିଶିଷ୍ଟ ଏହି ସବୁଜ ସବୁଜ ବନାନୀ ମଝିରେ ଥାକଥାକ ହୋଇ ରହିଛି ନଭଶ୍ଚୁମ୍ବୀ ମେଘାସନ ପର୍ବତମାଳା। ସମୁଦ୍ର ପତ୍ତନଠାରୁ ପ୍ରାୟ ୧୧୬୫ ମିଟର ଉଚ୍ଚରେ ଅବସ୍ଥିତ ଶିମିଳିପାଳ ଜୈବମଣ୍ଡଳର ସର୍ବୋଚ୍ଚ ଗିରିଶୃଙ୍ଗ ମେଘାସନୀ ପର୍ବତ। ମେଘାସନୀ ଉପରକୁ ଚାହିଁଦେଲେ ଲାଗେ ସତେ ଯେମିତି ଆକାଶ ଏଠି କଥା କହୁଛି, ପୃଥିବୀ କାନରେ ଏବଂ ଖଣ୍ଡ ଖଣ୍ଡ ଭସାବାଦଲ ସବୁ ଧଳା ଫୁଲ ପରି ଶୋଭାପାଉଛି ଧରଣୀରାଣୀର ଗଭାରେ। ମେଘାସନୀ ଗିରି କନ୍ଦର ବୁକୁ ଚିରି ସର୍ପିଳ ଗତିରେ ବହି ଯାଉଛି ବଲାଙ୍ଗୀ, ସୋନ, ଗଂଗାହାର, ଦେଓ, ସଞ୍ଜ ଓ ଖଇରି ଆଦି କେତେ ସାନ ବଡ଼ ନଦୀ ଓ ଝରଣା। ଘଞ୍ଚ ଅରଣ୍ୟ ମଧ୍ୟରେ ଛିଡ଼ା ହୋଇଥିବା ସୁଉଚ୍ଚ ପାହାଡ଼ ମଥାନରୁ କ୍ଷିପ୍ର ଗତିରେ ଝରି ପଡୁଛି ବରେହିପାଣି, ଜୋରନ୍ଦା, ଉସକି, ସୀତାକୁଣ୍ଡ, ଦେବକୁଣ୍ଡ, ଭୀମକୁଣ୍ଡ, ମାଛ କାନ୍ଦଣା, ଟୁଙ୍କି ଓ ଚାଉଳିଭଜା ଆଦି ଅନେକ ଜଳପ୍ରପାତ।

## ଜୈବବିବିଧତାର ଅସୁମାରି ଭଣ୍ଡାର




ଜୈବବିବିଧତାର ଅସୁମାରି ଭଣ୍ଡାର ମେଘାସନୀ ପର୍ବତମାଳାରେ ରହିଛି ଶାଳ, ପିଆଶାଳ, ଶିଶୁ, ଅସନ, ଶିମିଳି ଓ ଚମ୍ପା ଆଦି ୧୦୭୬ ପ୍ରକାର ବୃକ୍ଷଲତା ଏବଂ ୯୬ ପ୍ରକାର ଅର୍କିଡ୍ ପ୍ରଜାତିର (ଚିତ୍ରା ଜାତୀୟ) ଫୁଲ। ଏଠାରେ ଏମିତି ୫୫ ପ୍ରକାର ବିରଳ ବୃକ୍ଷ ଅଛି, ଯାହା ଦେଖିବାକୁ ମିଳେନି ବିଶ୍ୱର ଅନ୍ୟ କୌଣସି ସ୍ଥାନରେ। ଶାଳ ଗଛର ଏହା ଏକ ମହାଭଣ୍ଡାର। ଏଠାରେ ଲଗାଲଗି ହୋଇ ବଢ଼େ ଶାଳ ଓ ଚମ୍ପା। କିଛି ଶାଳ ଓ ଚମ୍ପାଗଛ ଶହ ଶହ ବର୍ଷର ପୁରୁଣା ଓ ଡେଙ୍ଗା। ତାହା ସେଠାରେ ମହାଶାଳ ଓ ମହାଚମ୍ପା ନାମରେ ପରିଚିତ। ଶିମିଳିପାଳ ଜୈବମଣ୍ଡଳରେ କଳାବାଘ, ମହାବଳ ବାଘ, କଲରାପତରିଆ ବାଘ ସହ ହାତୀ, ଭାଲୁ, ହରିଣ, ବଳିଆ କୁକୁର, ମାଙ୍କଡ଼, ଗୟଳ, ଝିଙ୍କ ଓ କୁଟୁରା ଆଦି ୫୫ ପ୍ରଜାତିର ପଶୁ, ୬୨ ପ୍ରଜାତିର ସରୀସୃପ ଓ ୩୦୪ ପ୍ରଜାତିର ପକ୍ଷୀ ରହନ୍ତି ଓ ସେମାନଙ୍କ ମଧ୍ୟରୁ ଅନେକ ବିରଳ ପ୍ରଜାତିର। ଜୈବମଣ୍ଡଳର ଶୋଭାକୁ ବହୁ ମାତ୍ରାରେ ବୃଦ୍ଧି କରନ୍ତି ନାନା ଜାତିର ପ୍ରଜାପତି। ବିଶେଷଜ୍ଞଙ୍କ ମତରେ ଏଠାରେ ୧୬୪ ପ୍ରଜାତିର ପ୍ରଜାପତି ଅଛନ୍ତି ଏବଂ ୧୫ଟି ପ୍ରଜାତି ପାଇଁ ରହିଛି ସଂରକ୍ଷଣ ବ୍ୟବସ୍ଥା। ପ୍ରଜାପତି ଯେ କେବଳ ଜୈବମଣ୍ଡଳର ଶୋଭା ବର୍ଦ୍ଧନ କରନ୍ତି ତାହା ନୁହେଁ, ଖାଦ୍ୟ ଶୃଙ୍ଖଳରେ ସେମାନଙ୍କ ଭୂମିକା ବଡ଼ ଗୁରୁତ୍ୱପୂର୍ଣ୍ଣ।

ପ୍ରଚଣ୍ଡ ଶୀତ, ସୁଖଦଃ ଗ୍ରୀଷ୍ମ ଓ ମୁଷଳ ବର୍ଷାର ଅନୁଭବ ମଧ୍ୟରେ ଋତୁ ଆଉ ଜଳବାୟୁର ବିସ୍ମୟକର ବିବିଧତା ହିଁ ଏହି ଜୈବମଣ୍ଡଳର ଅନନ୍ୟ ବିଶେଷତ୍ୱ। ଏଠି ବାଘର ହେଣ୍ଟାଳ, ହାତୀର ହୁଙ୍କାର ମନରେ ଯେତିକି ଭୟ ସଞ୍ଚାର କରେ, ପ୍ରାଣକୁ ସେତିକି ଆହ୍ଲାଦିତ କରେ ହରିଣ ଓ ସମ୍ବରର ଚିତ୍କାର, ଜଳ ପ୍ରପାତର ଗର୍ଜନ, ବଣ ଝରଣାର କୁଳୁକୁଳୁ ନାଦ, ପକ୍ଷୀର କୂଜନ, ମୟୂରର ନୃତ୍ୟ ଓ ବଡ଼ ବଡ଼ ବୃକ୍ଷର ଶାଖାରେ ଶାଖାରେ ଲଟେଇ ଥିବା ଅର୍କିଡ୍ ଫୁଲର ମହମହ ବାସ୍ନା। ବନଭୂମିର ରଂଗ, ଶବ୍ଦ ଓ ଆଲୋକର ମହୋତ୍ସବରେ ଗୁଞ୍ଜରିତ ହୁଏ ଜୀବନର ନୂଆ ଛନ୍ଦ। କବି, କଳାକାର, ଭାବୁକ, ଦାର୍ଶନିକ ଓ ପ୍ରକୃତିପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରେ ତା'ର ଶାନ୍ତ, ସ୍ନିଗ୍ଧ ପରିବେଶ। ଶିମିଳି ଗଛରେ ପରିପୂର୍ଣ୍ଣ ଏହି ବନଭୂମି ତଥା ଉତ୍ତୁଙ୍ଗ ପର୍ବତ ମାଳାର ଚାରୁ ସୁଷମାରେ ବିମୋହିତ ହୋଇ କବିବର ରାଧାନାଥ ଲେଖିଛନ୍ତି –'ଶାଶ୍ମଳୀ ଶୈଳୁଁ ତିନି ସ୍ଥାନୁ ତିନି ତଟିନୀ ଝରେ ଲଂଘି ନାନା ବନ ଜନପଦ ମିଶେ ବଂଗସାଗରେ'(ଉଷା)। ଜନଶ୍ରୁତି କହେ ମୟୂରଭଞ୍ଜର ରାଜା ପାରିଧିକୁ ଯାଇ ଶିମିଳିପାଳର ବିଭିନ୍ନ ସ୍ଥାନ ବୁଲିବୁଲି ଆନନ୍ଦ ଉପଭୋଗ ଅବସରରେ ଦେବକୁଣ୍ଡର ଅପୂର୍ବ ଶୋଭାରେ ଅଭିଭୂତ ହୋଇ ଗାଇ ଉଠିଥିଲେ- "ନୀଳାକାଶ ତଳେ ତୁହି ପ୍ରକୃତି ସୁନ୍ଦରୀ, ସବୁଜ ବନାନୀ ଗର୍ଭ ଠାଏ ଠାଏ ଚିରି, ଚକ୍ଷୁ ମୋ ପବିତ୍ର କଲୁ ପକାଇଣ ହୁରି, ହାଏ ଲୋ ପ୍ରକୃତି ଦେବୀ ଊଣା ମୋ ଶକତି, ବର୍ଣ୍ଣି ପାରୁନାହିଁ ତମ ଦିବ୍ୟ କାନ୍ତି ମୁହିଁ।"

ମାଇଲି ମାଇଲି ବ୍ୟାପିଥିବା ଶିମିଳିପାଳ ବନାନୀ ଭିତରେ ମୁଣ୍ଡ ଟେକିଛି ସୁଉଚ୍ଚ ପର୍ବତମାଳା। ଗୋଟିଏ ଗୋଟିଏ ଗୋଲାକାର ଉପରେ ଆଉ ଗୋଟିଏ ଗୋଲାକାର ସ୍ଥାପନ କଲା ପରି ପର୍ବତଗୁଡ଼ିକର ଅବସ୍ଥିତି ଯୋଗୁଁ ସେମାନଙ୍କର ଜଳଧାରଣ କ୍ଷମତା ଅଧିକ। ତେଣୁ ଏଠାରୁ ବାହାରି ଥିବା ନଦୀଗୁଡ଼ିକ ପ୍ରାୟ ଚିରସ୍ରୋତା। ବୁଢ଼ାବଳଙ୍ଗ ନଦୀ ଏହି ପର୍ବତମାଳାର ଧୁଡୁରୁଚମ୍ପାରୁ ବାହାରି ବରେହିପାଣିରେ ନେଇଛି ବିଶାଳ ଜଳପ୍ରପାତର ରୂପ। ପାହାଡ଼ ଉପରୁ କ୍ଷିପ୍ର ଗତିରେ ତଳକୁ ଖସି ପଡୁଛି ଏକ ବରେହି ଦଉଡ଼ି ସଦୃଶ୍ୟ। ମେଘାସନୀର ଆଉ ଏକ ଆକର୍ଷଣ ହେଉଛି ଲାଜକୁଳୀ ସୁବର୍ଣ୍ଣଝରି। କୁଳୁକୁଳୁ ନାଦ କରି ପର୍ବତମାଳା ଶିଖରରୁ ଖସି ପଡୁଛି ତଳକୁ। ବିଛେଇ ହୋଇ ପଡୁଛି ପଥରର ଶକ୍ତ ଚଟାଣ ଉପରେ, ଯେଉଁଠି ସୃଷ୍ଟି ହେଉଛି ଧୂଆଁର ଭ୍ରମ। ସେଥିରେ ସୂର୍ଯ୍ୟ କିରଣ ପଡ଼ିବା ଫଳରେ ସୁନେଲି ରଙ୍ଗରେ ତରଙ୍ଗାୟିତ ହେଉଛି ପର୍ବତ ପାଦଦେଶର ସକାଳ। ସତେ ଯେମିତି ଘୋଡ଼େଇ ହୋଇଛି ଇନ୍ଦ୍ରଧନୁର ଚାଦର। କେବଳ ନଦୀର ଜଳ, ବୃକ୍ଷର ଛାୟା, ପବନର ଶୀତଳତା ଓ ବିହଙ୍ଗର କାକଳି ନୁହେଁ, ସର୍ବତ୍ର ମନହାରିତ୍ୱର ଉତ୍ସରଣ ସାଜିଥିବା ପ୍ରକୃତିରାଣୀ ମେଘାସନୀ ପର୍ବତମାଳା ଭିତରେ ଲୁଚି ରହିଛି ଆହୁରି ଅନେକ ସମ୍ପଦ।

ମେଘାସନୀ ପର୍ବତମାଳା କେବଳ ନୈସର୍ଗିକ ସୌନ୍ଦର୍ଯ୍ୟର ଗନ୍ତାଘର ନୁହେଁ, ତା'ର ପ୍ରାକୃତିକ ଅବସ୍ଥିତି ପରିବେଶ ପାଇଁ ଏକ ବରଦାନ। ବଙ୍ଗୋପସାଗରରୁ ମୌସୁମୀ ବାୟୁ ଯେବେ ମେଘାସନୀରେ ପିଟିହୁଏ, ସାରା ଶିମିଳିପାଳରେ ଆରମ୍ଭ ହୋଇଯାଏ ବର୍ଷା। ସେଥିପାଇଁ କୁହାଯାଏ ମେଘାସନୀର ଅର୍ଥ ମେଘର ଆସନ। ମେଘାସନୀ ଓ ଖଇରିବୁରୁ ଆଦି ପର୍ବତ ବର୍ଷାପାଣିକୁ ଏମିତି ଭିଡ଼ି ଧରିବା କାରଣରୁ ସେଠାରୁ ସୃଷ୍ଟି ହୋଇଛି ଅନେକ ନଈନାଳ। ପରିବେଶ ବିଜ୍ଞାନୀଙ୍କ ମତରେ- ମେଘାସନୀ ପର୍ବତମାଳା ନଥିଲେ ଶସ୍ୟଶ୍ୟାମଳା ପରିବର୍ତ୍ତେ ଏକ ମରୁ ଅଞ୍ଚଳରେ ପରିଣତ ହୋଇଥାନ୍ତା ଓଡ଼ିଶା। ■






ବିଜୁପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ଓଡ଼ିଶାର ପ୍ରାକୃତିକ ବୈଭବ

# ପର୍ବତ



ଡକ୍ଟର ଜୟକୃଷ୍ଣ ପାଣିଗ୍ରାହୀ

ମାନବୀୟ ଅନୁଭୂତିର ବିବିଧ ଦିଗରୁ, ଯେପରିକି ସାଂସ୍କୃତିକ, ଆଧ୍ୟାତ୍ମିକ, ଭୌଗୋଳିକ ଏବଂ ପରିବେଶୀୟ ଦୃଷ୍ଟିକୋଣରୁ, ପାହାଡ଼ ଓ ପର୍ବତ ଗଭୀର ମହତ୍ତ୍ୱର ଅଧିକାରୀ ଅଟନ୍ତି। କେବଳ ମନୋରମ ସୌନ୍ଦର୍ଯ୍ୟର ଗନ୍ତାଘର ରୂପେ ନୁହେଁ, ଜଳବାୟୁର ନିର୍ଦ୍ଦିଷ୍ଟ ଢାଞ୍ଚା ଗଠନ, ଜଳଚକ୍ରର ନିୟନ୍ତ୍ରଣ ଏବଂ ଉଦ୍ଭିଦ ଓ ବନ୍ୟଜନ୍ତୁଙ୍କର ଉପସ୍ଥିତିକୁ ପ୍ରଭାବିତ କରୁଥିବା ପ୍ରାକୃତିକ କାରକ ରୂପେ ସେମାନେ ବହୁବିଧ କାର୍ଯ୍ୟ ସମ୍ପାଦନ କରନ୍ତି। ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟିରୁ ପର୍ବତଗୁଡ଼ିକ ବହୁ ଭାରତୀୟ ପରମ୍ପରାରେ ପୂଜିତ ହୁଅନ୍ତି। ସେମାନେ ପ୍ରାୟତଃ ଶକ୍ତି, ପବିତ୍ରତା ଓ ସ୍ଥିରତାର ପ୍ରତୀକ ତଥା ଈଶ୍ୱରଙ୍କର ମର୍ତ୍ତ୍ୟାରୋହଣର ସ୍ଥଳୀ ରୂପେ ବିବେଚିତ ହୁଅନ୍ତି। ହିନ୍ଦୁ ଧର୍ମ, ବୌଦ୍ଧ ଧର୍ମ ଏବଂ ଖ୍ରୀଷ୍ଟ ଧର୍ମ ପରି ଅନେକ ଧର୍ମରେ ପର୍ବତଗୁଡ଼ିକ ଦେବସ୍ଥଳୀ ଅବା ଆଧ୍ୟାତ୍ମିକ କ୍ଷେତ୍ର ଭାବରେ ପରିଗଣିତ ହୁଅନ୍ତି, ଯାହା ଐଶ୍ୱରିକ ଶକ୍ତି ଏବଂ ଜ୍ଞାନାଲୋକ ପ୍ରାପ୍ତିର ପରିସରକୁ ପ୍ରତିନିଧିତ୍ୱ କରେ। ପ୍ରକୃତିର ଏହି ସ୍ମାରକ ସମ୍ମୁଖରେ ଦଣ୍ଡାୟମାନ ହେଲେ ବ୍ୟକ୍ତି ମଧ୍ୟରେ ଅନେକ ସମୟରେ ବିଶାଳତା, ଭୟ, ସମ୍ମାନ, ଆନ୍ତରିକତା ଏବଂ ପ୍ରେରଣାର ଭାବ ସଞ୍ଚାରିତ ହୋଇଥାଏ। ସମ୍ପ୍ରତି ମାନବ ଜୀବନ ଯେତେବେଳେ କାର୍ଯ୍ୟବ୍ୟସ୍ତତାରେ ଅତ୍ୟଧିକ ଚାପଗ୍ରସ୍ତ ହେଉଛି, ସେତେବେଳେ 'ପ୍ରକୃତି ପର୍ଯ୍ୟଟନ' ମାଧ୍ୟମରେ ପାହାଡ଼ ପର୍ବତଘେରା ବଣଜଙ୍ଗଲରେ କିଛି ସମୟ ଅତିବାହିତ କରି ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସହିତ ଚାପମୁକ୍ତ ହେବାର ପ୍ରୟାସ ପ୍ରାଧାନ୍ୟ ହାସଲ କରିଛି। ଏହି କ୍ରମରେ ନିକଟରେ ଓଡ଼ିଶା ସରକାରଙ୍କ ଦ୍ୱାରା 'ପ୍ରାକୃତିକ ଐତିହ୍ୟ ସ୍ଥଳୀ'ର ସ୍ୱୀକୃତି ହାସଲ କରିଥିବା କେତୋଟି ପାର୍ବତ୍ୟାଞ୍ଚଳର ଗୁରୁତ୍ୱ ଏଠାରେ ଉପସ୍ଥାପନ କରିବା ଏକାନ୍ତ ଅପରିହାର୍ଯ୍ୟ ମନେହୁଏ।

## ମହେନ୍ଦ୍ରଗିରି




'ଓଡ଼ିଶାର ହିମାଳୟ' ଆଖ୍ୟା ଅର୍ଜନ କରିଥିବା ତଥା ଅନନ୍ୟ ମହତ୍ତ୍ୱର ଅଧିକାରୀ ମହେନ୍ଦ୍ରଗିରି ହେଉଛି ପୂର୍ବଘାଟ ପର୍ବତମାଳାର ଏକ ପ୍ରମୁଖ ପର୍ବତ, ଯାହା ଗଜପତି ଜିଲ୍ଲାର ପାରଳାଖେମୁଣ୍ଡି ସହରରୁ ପ୍ରାୟ ୪୦ କିମି ଏବଂ ନିକଟତମ ରେଳ ଷ୍ଟେସନ ପଲାସା (ଆନ୍ଧ୍ରପ୍ରଦେଶ) ଠାରୁ ୩୦ କିମି ଦୂରତାରେ ଅବସ୍ଥିତ। ଐତିହାସିକ, ପ୍ରତ୍ନତାତ୍ତ୍ୱିକ, ଆଧ୍ୟାତ୍ମିକ ଏବଂ ପରିବେଶୀୟ ଗୁରୁତ୍ୱ ବହନକାରୀ ଏହି ପର୍ବତ ଉଭୟ ସାଂସ୍କୃତିକ ଏବଂ ପରିସଂସ୍ଥୀୟ ମହତ୍ତ୍ୱର ଅଧିକାରୀ ହୋଇଥିବାରୁ ଉଭୟ ତୀର୍ଥଯାତ୍ରୀ ଏବଂ ପ୍ରକୃତିପ୍ରେମୀଙ୍କ ଅନନ୍ୟ ଗନ୍ତବ୍ୟସ୍ଥଳୀ ରୂପେ ପରିଚିତ। ନିଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଏହି ଦୁର୍ଗମ ପାର୍ବତ୍ୟାଞ୍ଚଳ ସମୃଦ୍ଧ ଜୈବବିବିଧତାର ଗନ୍ତାଘର ହେବା ସହ ରାଜ୍ୟର ଦ୍ୱିତୀୟ ସର୍ବୋଚ୍ଚ ପର୍ବତ ଶିଖର (ସମୁଦ୍ର ପତ୍ତନରୁ ୧୫୦୧ ମିଟର ଉଚ୍ଚ) ହେବାର ସୁଖ୍ୟାତି ଅର୍ଜନ କରିଛି। ଦେବଗିରି, ବଡ଼ଦେବ ଏବଂ ଶିଙ୍ଗରାଜ ପରି ଅନ୍ୟ କେତେକ ଗିରିଶୃଙ୍ଗ ମଧ୍ୟ ଏହି ପର୍ବତମାଳାର ଅଂଶବିଶେଷ ଓ ପର୍ବତ ଶିଖରରୁ ପ୍ରାୟ ୨୫ କିମି ଦୂରରେ ଅସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ ବଙ୍ଗୋପସାଗରର ନୀଳ ଜଳରାଶି। କୁହାଯାଏ, ପ୍ରତ୍ୟେକ ଦିନର ୨୪ ଘଣ୍ଟା ମଧ୍ୟରେ ଏଠାରେ ବର୍ଷକର ଷଡ଼ଋତୁର ବୈଶିଷ୍ଟ୍ୟ ଅନୁଭୂତ ହୁଏ। ଶିଖରରେ ଉପସ୍ଥିତ ଦର୍ଶକର ଚକ୍ଷୁ ସମ୍ମୁଖରେ ଭାସମାନ ବାଦଲର ଦୃଶ୍ୟ ଅତ୍ୟନ୍ତ ମନଲୋଭା ହୋଇଥାଏ। ଶାଳ, ପିଆଶାଳ, କେନ୍ଦୁ, ଅସନ, ଧଉରା ଇତ୍ୟାଦି ସହ ଅନେକ ପ୍ରକାରର ଉଦ୍ଭିଦ, ବିଶେଷ କରି ଔଷଧୀୟ ବୃକ୍ଷରାଜି ଏବଂ ଚିତାବାଘ, ହରିଣ, ସମ୍ବର, କୁଟ୍ରା, ଗଧିଆ ପରି ବିଭିନ୍ନ ପ୍ରାଣୀ ଜାତି, ଏପରିକି ପୂର୍ବରୁ ବାଘ ଓ ହାତୀଙ୍କର ବାସସ୍ଥଳୀ ରୂପେ ଏହାର ସ୍ୱୀକୃତି ରହିଛି। ଏହା ଉଭୟ ହିମାଳୟ ଏବଂ ମଧ୍ୟ ଭାରତୀୟ ମାଳଭୂମି ଅଞ୍ଚଳର ଜୀବଜାତିଙ୍କର ସମନ୍ୱୟକୁ ପ୍ରତିନିଧିତ୍ୱ କରେ।

ଏହି ପର୍ବତ୍ୟାଞ୍ଚଳ ମଧ୍ୟ ମହେନ୍ଦ୍ରତନୟା ନାମରେ ଦୁଇଟି ନଦୀ ଏବଂ ଅନ୍ୟ କେତୋଟି ଛୋଟ ନଦୀର ଉତ୍ପତ୍ତି ସ୍ଥଳ। ଗିରିଶୃଙ୍ଗରେ ପ୍ରାୟ ପଞ୍ଚମ-ଷଷ୍ଠ ଶତାବ୍ଦୀରେ ସ୍ଥାପିତ ହୋଇଥିବା ଗୋକର୍ଣ୍ଣେଶ୍ୱର, କୁନ୍ତୀ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ ଏବଂ ସହଦେବଙ୍କର ପ୍ରାଚୀନ ମନ୍ଦିରର ଉପସ୍ଥିତି ମହାଭାରତ ବର୍ଣ୍ଣିତ ପଞ୍ଚୁ ପାଣ୍ଡବ ଏବଂ ମାତା କୁନ୍ତୀଙ୍କର ଏଠାରେ ଅଜ୍ଞାତବାସ ସମୟର ଅବସ୍ଥାନକୁ ଇଙ୍ଗିତ କରେ। ମନ୍ଦିରମାଳାର ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ଏସବୁକୁ ସଂରକ୍ଷିତ ସ୍ମାରକୀ ଭାବରେ ୧୯୬୪ ମସିହାରୁ ଘୋଷିତ କରିଛନ୍ତି। ଶିଖରରେ ସ୍ଥାପିତ ପର୍ଶୁରାମଙ୍କର ପ୍ରତିମୂର୍ତ୍ତି ଏଠାରେ ତାଙ୍କର ଆବିର୍ଭାବ ହେବା ଏବଂ ଏହା ତାଙ୍କର ତପସ୍ୟାସ୍ଥଳୀ ବୋଲି ରହିଥିବା ଲୋକବିଶ୍ୱାସକୁ ସୂଚାଏ। ଶିବରାତ୍ରି ଅବସରରେ ଏଠାରେ ଅନୁଷ୍ଠିତ ମହୋତ୍ସବକୁ ବହୁ ପର୍ଯ୍ୟଟକମାନଙ୍କର ସମାଗମ ଏହି ପର୍ବତର ଧାର୍ମିକ ଗୁରୁତ୍ୱକୁ ପ୍ରତିପାଦିତ କରେ। ଏହାର ପୌରାଣିକ ମହତ୍ତ୍ୱକୁ ସ୍ୱୀକୃତି ପ୍ରଦାନ କରି ଭାରତ ସରକାର ମହେନ୍ଦ୍ରଗିରିକୁ ରାମାୟଣ ପରିପଥ (ସର୍କିଟ୍) ଅଧୀନରେ ଚିହ୍ନିତ ପନ୍ଦରଟି ସ୍ଥାନ ତାଲିକାରେ ଅନ୍ତର୍ଭୁକ୍ତ କରିଛନ୍ତି। ଓଡ଼ିଶା ସରକାର ସମ୍ପ୍ରତି ଗିରିଶୃଙ୍ଗ ପର୍ଯ୍ୟନ୍ତ ସୁନ୍ଦର ରାସ୍ତା ଏବଂ ସେଠାରେ ଅବସ୍ଥାନ ନିମନ୍ତେ କୁଟୀରମାନ ସ୍ଥାପନ କରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ଏବଂ ପ୍ରକୃତି ଶିବିର ସ୍ଥାପନର ବ୍ୟବସ୍ଥା କରିଛନ୍ତି। ଏଠାକାର ପାହାଡ଼ିଆ ଅଞ୍ଚଳରେ ଆଦିମ ଲାଞ୍ଜିଆ ସଉରା, ଶୁଦ୍ଧ ସଉରା, ଭୀମ ସଉରାଙ୍କ ସହ କନ୍ଧ, ଗଡ଼ବା, ଲୋଧା ପରି ଜନଜାତି ସମ୍ପ୍ରଦାୟମାନେ ବହୁ କାଳରୁ ପ୍ରାକୃତିକ ଭାବେ ବସବାସ କରି ଆସୁଛନ୍ତି। ଏହି ଜଙ୍ଗଲ ଅଧିବାସୀମାନଙ୍କର ଜୀବନଜୀବିକା ଅନେକାଂଶରେ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ। ଏକଦା ଗଜପତି ରାଜବଂଶର ଶାସକମାନେ ଏହି ଅଞ୍ଚଳ ଉପରେ ନିଜର ପ୍ରଭାବ ବଜାୟ ରଖିଥିଲେ।

ତେବେ, ବହୁବିଧ ମହତ୍ତ୍ୱର ଅଧିକାରୀ ତଥା ପ୍ରାକୃତିକ ସମ୍ପଦର ଗନ୍ତାଘର ରୂପେ ପରିଗଣିତ ମହେନ୍ଦ୍ରଗିରି କିନ୍ତୁ ମାନବୀୟ ହସ୍ତକ୍ଷେପ ଏବଂ ଅତ୍ୟଧିକ ଚାପଗ୍ରସ୍ତ ହେବା ଫଳରେ ଦ୍ରୁତ ଅବକ୍ଷୟ ଦିଗରେ ଅଗ୍ରସର ହେଉଛି। ଏହାକୁ ପ୍ରତିହତ କରି ଏହି ଜଙ୍ଗଲ ପରିସଂସ୍ଥାର ସଂରକ୍ଷଣ ଉଦ୍ଦେଶ୍ୟରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ କେତେକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ସୁଦ୍ଧା ପ୍ରାଥମିକତା ଭିତ୍ତିରେ ପ୍ରକୃତି, ଆଧ୍ୟାତ୍ମିକତା ଏବଂ ଇତିହାସର ଏହି ଗୁରୁତ୍ୱପୂର୍ଣ୍ଣ ମିଳନସ୍ଥଳୀକୁ ସୁରକ୍ଷିତ ରଖି ଏକ ସଂରକ୍ଷିତ ଜୈବମଣ୍ଡଳର ଆଖ୍ୟା ପ୍ରଦାନ କରିବା ହେଉଛି ଆଜି ସମୟର ଆବଶ୍ୟକତା। ଏହି ଆହ୍ୱାନକୁ ଉପଲବ୍ଧି କରି ଓଡ଼ିଶା ପରିବେଶ ସମିତି ବିଗତ ତିନି ଦଶନ୍ଧି ଧରି ଏହି ମାନ୍ୟତା ହାସଲ ନିମନ୍ତେ ଅଭିଯାନ ଅବ୍ୟାହତ ରଖିଛି।



# ଦେଓମାଳି








ଦେଓମାଳି ହେଉଛି ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ, ଯାହା ଚନ୍ଦ୍ରଗିରି-ପଟ୍ଟାଙ୍ଗୀ ଉପଖଣ୍ଡରେ ଅବସ୍ଥିତ ଏକ ବର୍ଣ୍ଣାଢ଼୍ୟ, ମନୋରମ ପାର୍ବତ୍ୟାଞ୍ଚଳ। କୋରାପୁଟ ସହରଠାରୁ ସେମିଳିଗୁଡ଼ା ମଧ୍ୟ ଦେଇ ୭୦ କିମି ଦୂରତାରେ ଉପସ୍ଥିତ ଦେଓମାଳି ଶୃଙ୍ଗ ପ୍ରାୟ ୧, ୬୭୨ ମିଟର ଉଚ୍ଚତା ବିଶିଷ୍ଟ ଓଡ଼ିଶାର ସର୍ବୋଚ୍ଚ ପର୍ବତ ଶିଖର, ଯାହାର ଉପର ଭାଗ ମୁଖ୍ୟତଃ ସମତଳ ତଥା ମାଟି ଓ ମୋରମ୍‌ରେ ଗଠିତ। ଉପଭୋଗ୍ୟ ପ୍ରାକୃତିକ ଶୋଭାରାଜି, ସାଂସ୍କୃତିକ ଏବଂ ପରିସଂସ୍ଥାୟ ମହତ୍ତ୍ୱ ବହନକାରୀ, ବହୁମୁଖୀ ପରିମାପକୁ ଅନ୍ତର୍ଭୁକ୍ତ କରୁଥିବା ଏହି ପର୍ବତ ଚତୁର୍ଦ୍ଦିଗରେ ଘନ ବନାନୀର ସବୁଜିମାରେ ଆଚ୍ଛାଦିତ। ବହୁବିଧ ଜାତିର ଉଦ୍ଭିଦ ଏବଂ ଜୀବଜନ୍ତୁରେ ଭରପୂର ଏହା ଏକ ବିଷୁବମଣ୍ଡଳୀୟ ଜଙ୍ଗଲ ପରିସଂସ୍ଥା। ଛୋଟବଡ଼ ଅନେକ ଝରଣା ଏବଂ ଗଭୀର ଉପତ୍ୟକାର ସମାହାରରେ ସୃଷ୍ଟ ଏହି ବନାଞ୍ଚଳ ଏକ ଆକର୍ଷଣୀୟ ବାସସ୍ଥଳୀ ରୂପେ କେବଳ ସମୃଦ୍ଧ ଜୈବବିବିଧତାର ଗନ୍ତାଘର ରୂପେ ନୁହେଁ, ବରଂ ପରଜା, ଭୂମିଆ, କନ୍ଧ, ମାଲି ଏବଂ ଭୋତିଆ ଭଳି ଆଦିମ ଜନଜାତିଙ୍କର ବାସସ୍ଥଳୀ ରୂପେ ପରିଚିତ। ଏହାର ଅନ୍ୟ ବିଶେଷତ୍ୱ ମଧ୍ୟରେ ରହିଛି ବିବିଧ ଔଷଧୀୟ ଉଦ୍ଭିଦ ସମେତ ବିଭିନ୍ନ ଜାତିର ସ୍ତନ୍ୟପାୟୀ, ସରୀସୃପ, ଉଭୟଚର ଏବଂ ପକ୍ଷୀ ପରି ବନ୍ୟଜନ୍ତୁଙ୍କର ଉପସ୍ଥିତି। ଅନ୍ୟ ପ୍ରାକୃତିକ ସମ୍ପଦ ଦୃଷ୍ଟିରୁ ଦେଓମାଳି ପର୍ବତ ଗର୍ଭରେ ବକ୍ସାଇଟ୍ ଏବଂ ଅନ୍ୟାନ୍ୟ କେତେକ ଖଣିଜ ପଦାର୍ଥ ଭରି ରହିଥିବାର ଆକଳିତ ହୋଇଛି, ଯେଉଁଥି ପାଇଁ ଖଣି ଖନନ ଏବଂ ଶିଳ୍ପ ସ୍ଥାପନର ସମ୍ଭାବନାକୁ କର୍ପୋରେଟ୍ ଜଗତ ଗୁରୁତ୍ୱ ପ୍ରଦାନ କରୁଛି।

ପର୍ବତାରୋହଣ, ଟ୍ରେକିଂ, ବଣଭୋଜି ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ ନିମନ୍ତେ ସାରା ବର୍ଷ ଏଠାରେ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗିରହିଥାଏ। ରାଜ୍ୟ ସରକାର ଦେଓମାଳିରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ସହ ଲୋକମାନଙ୍କୁ ଅଧିକ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଏହାକୁ ଏକ 'ୱେଡିଂ ଡେଷ୍ଟିନେସନ୍'ର ରୂପ ଦେବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। ପାହାଡ଼ର ଉପର ଅଂଶରେ ଓଡ଼ିଶା ସରକାର ୪ଟି ପରିଦର୍ଶନ ମିନାର୍ ବା 'ୱାଚ୍ ଟାୱାର୍' ସ୍ଥାପିତ କରିଛନ୍ତି, ଯେଉଁଠାରୁ ଚତୁର୍ଦ୍ଦିଗ ଉପତ୍ୟକାର ଏବଂ ଛଅଟି ଶିଖରର ସୌନ୍ଦର୍ଯ୍ୟ ଉପଭୋଗର ସୁଯୋଗ ଉପଲବ୍ଧ ହୁଏ। ଏଠାରେ ଉଡ଼ା ମେଘର ଦୃଶ୍ୟ ଏବଂ ଘନ କୁହୁଡ଼ିର ଆସ୍ତରଣ ଅତ୍ୟନ୍ତ ଚିତ୍ତାକର୍ଷକ ଅନୁଭୂତ ହୁଏ। କୋରାପୁଟ ସହରରେ ପ୍ରତି ବର୍ଷ ନଭେମ୍ବର/ଡିସେମ୍ବର ମାସରେ ପାଳିତ ହେଉଥିବା 'ପରବ' ମହୋତ୍ସବ ଅବସରରେ ବହୁସଂଖ୍ୟାରେ ଲୋକମାନେ ଦେଓମାଳି ପରିଭ୍ରମଣରେ ଯାଇଥା'ନ୍ତି। ସମ୍ପ୍ରତି ସରକାର ପଟ୍ଟାଙ୍ଗିରେ ପର୍ଯ୍ୟଟକମାନଙ୍କ ରହଣି ନିମନ୍ତେ କଟେଜ୍ ନିର୍ମାଣ ସହ ଭିତ୍ତିଭୂମି ବିକାଶ ଏବଂ ବିବିଧ ସୁବିଧା ପ୍ରଦାନର ବ୍ୟବସ୍ଥା କରୁଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାରଙ୍କ 'ସ୍ୱଦେଶ ଦର୍ଶନ ଯୋଜନା'ରେ ମଧ୍ୟ ଦେଓମାଳି ଅନ୍ତର୍ଭୁକ୍ତ ରହିଛି। ଅନେକ ବିଦେଶୀ ପର୍ଯ୍ୟଟକ ଏଠାକାର ଆଦିବାସୀମାନଙ୍କର ଜୀବନଶୈଳୀକୁ ଅନୁଧ୍ୟାନ କରିବା ସହିତ ଭାବର ଆଦାନପ୍ରଦାନ ନିମନ୍ତେ ପରିଭ୍ରମଣରେ ଏଠାକୁ ଆସିଥା'ନ୍ତି। ଏସବୁ ଦୃଷ୍ଟିରୁ ଗନ୍ତବ୍ୟସ୍ଥଳରେ ସୁରୁଖୁରୁରେ ପହଞ୍ଚିବା ନିମନ୍ତେ ପ୍ରବେଶ ରାସ୍ତାର ଗୁଣାତ୍ମକ ମାନରେ ଉନ୍ନତି ହେବାର ଆବଶ୍ୟକତା ରହିଛି।

## ମଣ୍ଡାସରୁ

ଭାରତର ପ୍ରାଚୁର୍ଯ୍ୟଭରା ପ୍ରକୃତିର ଏକ ଗୁପ୍ତସ୍ଥଳୀ ରୂପେ ପରିଗଣିତ ତଥା ନିଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ କନ୍ଧମାଳ ଜିଲ୍ଲାର ମଣ୍ଡାସରୁ ପାର୍ବତ୍ୟାଞ୍ଚଳ ହେଉଛି ମନୋରମ ପ୍ରାକୃତିକ ଭୂଦୃଶ୍ୟ ଏବଂ ଜୈବବିବିଧତାର ଅନ୍ୟ ଏକ ଅନନ୍ୟ ଭଣ୍ଡାର। ବିଷୁବମଣ୍ଡଳୀୟ ଆର୍ଦ୍ର ଘନ ଜଙ୍ଗଲରେ ପରିବ୍ୟାପ୍ତ ଏହି ସମୃଦ୍ଧ ପାହାଡ଼ିଆ ପରିବେଶ ତଥା ଏଠାକାର ପାଣିପାଗରେ ଦ୍ୱରିତ୍ ପରିବର୍ତ୍ତନ, ସମୃଦ୍ଧ ଜୀବ ସମ୍ଭାର ତଥା ଅନୁପମ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ମଣ୍ଡାସରୁ ଓଡ଼ିଶାର 'ନିଃଶବ୍ଦ ଉପତ୍ୟକା' ଭାବରେ ଖ୍ୟାତି ଅର୍ଜନ କରିଛି। ଏହା ହେଉଛି ପ୍ରାୟ ୧୫ କିମି ଦୀର୍ଘ ପାହାଡ଼ିଆ ଅଞ୍ଚଳ, ଯାହା ସମୁଦ୍ର ପତ୍ତନଠାରୁ ୧,୦୦୦ ମିଟର ଉଚ୍ଚତା ବିଶିଷ୍ଟ ସାଶିମହା ମଣ୍ଡା ନାମକ ସର୍ବୋଚ୍ଚ ଶିଖର ସହ ୨୨ଟି ପାହାଡ଼ ଦ୍ୱାରା ପରିବେଷ୍ଟିତ। ଶିଖର ଅଞ୍ଚଳରେ ପ୍ରତିଷ୍ଠିତ ମଣ୍ଡାସରୁ ଭ୍ୟାଲି ପ୍ରକୃତି ଶିବିରରେ ଅବସ୍ଥାନ କରି ପର୍ଯ୍ୟଟକ ମଣ୍ଡାସରୁ ଘାଟର ସୁଶୋଭିତ ଦୃଶ୍ୟ ଉପଭୋଗ କରିବାର ସୁଯୋଗ ହାସଲ କରନ୍ତି। ଏହା ସହିତ ଉପରିସ୍ଥ ରିସର୍ଟ ସନ୍ନିକଟରେ ୱାଚ୍ ଟାୱାର୍, ଶିଶୁ ପାର୍କ, ସୌନ୍ଦର୍ଯ୍ୟବର୍ଦ୍ଧକ ବୃକ୍ଷରାଜି ଏବଂ ଏକ ଗୁମ୍ଫା ମଧ୍ୟ ନିର୍ମିତ ହୋଇଛି। ଏହି ଘାଟି ଅଞ୍ଚଳରେ ଛୋଟବଡ଼ ଛଅ'ଟି ଜଳପ୍ରପାତ ପ୍ରବାହିତ ହୁଏ, ଯାହାର ଜଳରାଶି ପରିଶେଷରେ ଋଷିକୁଲ୍ୟା ନଦୀର ଏକ ଉପନଦୀରେ ସମ୍ମିଳିତ ହୁଏ। ନିକଟସ୍ଥ ସହର ରାଇକିଆଠାରୁ ୧୨ କିମି ଏବଂ ଫୁଲବାଣୀ ସହରରୁ ୬୭ କିମି ଦୂରରେ ଅବସ୍ଥିତ ମଣ୍ଡାସରୁ ମଧ୍ୟ ଏହି ଅଞ୍ଚଳର ଅନ୍ୟ ଏକ ପ୍ରାକୃତିକ ଆକର୍ଷଣସ୍ଥଳୀ ତଥା ଶୀତଋତୁରେ ବରଫପାତ ହେବାର ଦୃଷ୍ଟାନ୍ତ ଥିବା 'ଓଡ଼ିଶାର କାଶ୍ମୀର' ରୂପେ ପରିଚିତ ଦାରିଙ୍ଗବାଡ଼ିଠାରୁ ୩୨ କିମି ଦୂରତାରେ ରହିଛି। ମଣ୍ଡାସରୁ ମୌସୁମୀ ଋତୁରେ ଅତି ନିକଟରେ ଗତିଶୀଳ ଘନକଳା ମେଘ ଏବଂ ଚତୁର୍ଦ୍ଦିଗର ସବୁଜିମାକୁ ଉପଭୋଗ କରିବା ନିମନ୍ତେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ, ପୁଣି ଶୀତଋତୁର ପ୍ରବଳ ଥଣ୍ଡା, ଚମକପ୍ରଦ ପାଗ ଏବଂ କୁହୁଡ଼ିର ଚାଦରରେ ପାହାଡ଼ସବୁ ଘୋଡ଼େଇ ହେବାର ଦୃଶ୍ୟ ଅନେକଙ୍କୁ ଆକର୍ଷିତ କରେ। ନୈସର୍ଗିକ ସୌନ୍ଦର୍ଯ୍ୟ ସହ ବିଭିନ୍ନ ଜାତିର ଉଦ୍ଭିଦ, ବିଶେଷ ରୂପେ ବହୁ ଔଷଧୀୟ ବୃକ୍ଷଲତା ଏବଂ ଜୀବଜନ୍ତୁଙ୍କର ଉପସ୍ଥିତି ଏହାର ଐତିହ୍ୟ ମୂଲ୍ୟକୁ ବହୁଗୁଣିତ କରେ। କନ୍ଧ ପରି କେତେକ ଆଦିମ ଜନଜାତି ଏହି ପ୍ରାକୃତିକ ପରିସଂସ୍ଥାକୁ ସେମାନଙ୍କର ବାସସ୍ଥଳୀ ରୂପେ ଗ୍ରହଣ କରି ଏଠାରେ ଜୀବନ ନିର୍ବାହ କରିଆସୁଛନ୍ତି।








ପରିଶେଷରେ, ଓଡ଼ିଶାର ପରିବେଶୀୟ, ସାଂସ୍କୃତିକ ଏବଂ ପରିସଂସ୍ଥାୟ ଗୁରୁତ୍ୱ ବହନକାରୀ ପର୍ବତରୂପୀ ପ୍ରାକୃତିକ ବୈଭବ ଏବଂ ଐତିହ୍ୟଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ସହିତ ସଂରକ୍ଷଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଏକାନ୍ତ ପ୍ରୟୋଜନୀୟ। ପ୍ରକୃତିର ଏସବୁ ଅବଦାନକୁ ସୁରକ୍ଷିତ ରଖିଲେ ପରବର୍ତ୍ତୀ ପିଢ଼ି ଏହାର ସୌନ୍ଦର୍ଯ୍ୟ ଓ ସମ୍ପଦକୁ ଉପଭୋଗ କରିବାର ସୌଭାଗ୍ୟ ହାସଲ କରିବେ। ■

**କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର**

ସକାଳ THE SAKALA ସିନ୍ଦୁରା

ରବିବାର,
୧୨-୧୮ ଜାନୁଆରୀ, ୨୦୨୫

ପାହାଡ଼ରଜା



# ନିୟମଗିରି

**ଗୋଟେ ପଟେ କଳାହାଣ୍ଡି ଓ ଆର ପଟେ ରାୟଗଡ଼ା ଜିଲ୍ଲା । ମଝିରେ ପାଚେରି ଭଳି ଠିଆ ହୋଇଛି ତୀଖ ପାହାଡ଼ । ନାଆ ତା'ର ନିୟମଗିରି । ନିୟମଗିରି କେବଳ ଏକ ପାହାଡ଼ ନୁହେଁ । ସେ ରାଜା । ନିୟମରଜା । ତା'ର ପ୍ରଜା ହେଉଛନ୍ତି ଆଦିମ ଜନଜାତି ଡଙ୍ଗରିଆ କନ୍ଧ । ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲାର ବହୁ ଚର୍ଚ୍ଚିତ ପାହାଡ଼ ନିୟମଗିରିକୁ ନେଇ ବିଶେଷ ଉପସ୍ଥାପନା ।**



ଡକ୍ଟର ଦ୍ୱିତୀ ଚନ୍ଦ୍ର ସାହୁ

କନ୍ଧ ଜନଜାତିର ଏକ ଗୋଷ୍ଠୀ ବହୁ କାଳରୁ ନିୟମଗିରି ପାହାଡ଼ ଉପରେ ବସବାସ କରି ଆସୁଛନ୍ତି । ନାମ ହେଲା ଡଙ୍ଗରିଆ କନ୍ଧ । ଓଡ଼ିଶାର ରାୟଗଡ଼ା ଜିଲ୍ଲାର ନିୟମଗିରି ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ଡଙ୍ଗରିଆମାନେ ଈଶ୍ୱରବାଦୀ ଏବଂ ପୁନର୍ଜନ୍ମରେ ବିଶ୍ୱାସୀ । ନିୟମରାଜା, ଧରତୀ ମାତା ଓ ଦର୍ମୁ ଦେବତା ଉପରେ ଯେତିକି ଆସ୍ଥା, ପ୍ରକୃତିର ବିଭିନ୍ନ ଶକ୍ତି ଉପରେ ବି ସେତିକି ବିଶ୍ୱାସ । ନିୟମଗିରି ଏଠି ରାଜା । ତା'ର ପ୍ରଜା ହେଲେ ଡଙ୍ଗରିଆ । ପାହାଡ଼କୁ ରାଜା ମାନି ଏବେ ବି ବଞ୍ଚୁଛନ୍ତି ଏଇ ଜନଜାତି । ପ୍ରତିଟି କଥାରେ ନିୟମରଜାକୁ ପଚାରନ୍ତି । ତାକୁ ପୂଜା କରନ୍ତି । ତା'ପରେ ଯେକୌଣସି କାର୍ଯ୍ୟରେ ହାତ ଦିଅନ୍ତି । ନିୟମ ରଜାର ଡଙ୍ଗର ଦ୍ୱାରା ବଞ୍ଚୁଥିବାରୁ ସେମାନେ ବିଭିନ୍ନ ସମୟରେ ଡଙ୍ଗରକୁ ପୂଜା କରନ୍ତି । ନିୟମଗିରିକୁ ନିଜର ଦେବତା ରୂପେ ପୂଜା କରନ୍ତି । ନିୟମଗିରି ସେମାନଙ୍କୁ ଖାଇବାକୁ, ପିଇବାକୁ ଦେଉଛି ।

## ରାୟଗଡ଼ାର ଅନ୍ୟାନ୍ୟ ପ୍ରସିଦ୍ଧ ପାହାଡ଼



ନିୟମଗିରି ବ୍ୟତୀତ ରାୟଗଡ଼ା ଜିଲ୍ଲାରେ ଅନେକ ପ୍ରସିଦ୍ଧ ଓ କିମ୍ବଦନ୍ତୀ ସମ୍ପନ୍ନ ପାହାଡ଼ ରହିଛି । କାଶୀପୁର ଅଞ୍ଚଳରେ ବାଫିଲିମାଳି, ଶିଝିମାଳି, ଶାଶୂବୋହୂମାଳି, ନନପାରମାଳି, କୁଟ୍ରୁମାଳି, କୋଡ଼ିଙ୍ଗାମାଳି ଭଳି ଖଣିଜ ସମ୍ପଦରେ ଭରା ପର୍ବତ ରହିଛି । ସେହିପରି ବୌଦ୍ଧ କୀର୍ତ୍ତିର ସ୍ମାରକୀ ବହନ କରୁଥିବା ପଦ୍ମପୁରର ଜଗମଣ୍ଡା ପାହାଡ଼ । ଏଠାରେ ବୌଦ୍ଧଗୁରୁ ଧର୍ମକୀର୍ତ୍ତିଙ୍କ ବିହାର, ବୌଦ୍ଧଶ୍ରମଣଙ୍କ ଗୁମ୍ଫା ରହିଛି । ଷଷ୍ଠ ଶତାବ୍ଦୀର ଐତିହ୍ୟସମ୍ପନ୍ନ ନୀଳକଣ୍ଠେଶ୍ୱର ଓ ମଲ୍ଲିକେଶ୍ୱର ମନ୍ଦିର ରହିଛି । ଅନ୍ୟପକ୍ଷରେ ରାୟଗଡ଼ ସହର ନିକଟରେ ଋଷି ପର୍ବତ ତଥା ବୁଢ଼ାନାକା ପାହାଡ଼ । ଏହା ଶୟନରତ ମଣିଷ ଭଳି ଦେଖାଯାଏ । ଚନ୍ଦ୍ରପୁରର ୩୭ ଫୁଟ ବିଶିଷ୍ଟ କାକାଟ ପାହାଡ଼ ହାତୀମାରି ଓ ଖଣ୍ଡାନାଳ ପାହାଡ଼ ଆଦି ଐତିହ୍ୟସମ୍ପନ୍ନ । ବିଷମକଟକର ପାଣ୍ଡୁ ପର୍ବତ, ଗୁଣୁପୁରର ଶେଫାଳୀ ପାହାଡ଼, ଅନ୍ୟତମ ଆଦିମ ଜନଜାତି ଲାଞ୍ଜିଆ ସଉରାଙ୍କ ଆବାସସ୍ଥଳ ପୁଟାସିଂ ପାହାଡ଼ ସମେତ କୈଳାସପୁର, କର୍ଲାଘାଟି, ବିଜାଘାଟି, ଗୁମ୍ମା ଘାଟି ଆଦି ପ୍ରସିଦ୍ଧ ଘାଟି ମଧ୍ୟ ରହିଛି ।

## ଜୈବ ବିବିଧତାରେ ଭରପୂର ନିୟମଗିରି

ପୂର୍ବଘାଟ ପର୍ବତାମାଳା ଅନ୍ତର୍ଗତ ନିୟମଗିରି ହେଉଛି ରାୟଗଡ଼ା ଜିଲ୍ଲାର ଅନ୍ୟତମ ପ୍ରମୁଖ ପାହାଡ଼ । ୨୫୦ ବର୍ଗ କିଲୋମିଟର ପରିମିତ ଅଞ୍ଚଳ ହେଉଛି ନିୟମଗିରି । ଜୈବ ବିବିଧତାରେ ଭରପୂର । ଚିର ସବୁଜ ନିୟମଗିରି ଘଞ୍ଚ ଜଙ୍ଗଲରେ ଭରପୂର । କର୍ଲାପାଟ ଜଙ୍ଗଲର ଅଂଶବିଶେଷ ଭାବେ ଗଣାଯାଏ ନିୟଗିରିର ଘଞ୍ଚ ଜଙ୍ଗଲ । ନିୟମଗିରିକୁ ବନ୍ୟ ଜୀବ ଅଭୟାରଣ୍ୟ ଭାବେ ଗଣାଯାଉଛି । ସର୍ବେକ୍ଷଣ ଅନୁସାରେ ୩୦୦ କିସମର ଗଛଲତାରେ ଭରପୂର ନିୟମଗିରି । ଶାଳ, ପିଆଶାଳ, ବାଉଁଶ, ଶିଶୁ, ଶାଗୁଆନ ଭଳି ମୂଲ୍ୟବାନ ଗଛ ରହିଛି । ସେଥିମଧ୍ୟରୁ ୫୦ ପ୍ରକାର ଔଷଧୀୟ ଗଛ ଓ ଗୁଳ୍ମ ରହିଛି । ହାତୀ, ବାଘ, ଚିତା, ଭାଲୁ, ମାଙ୍କଡ଼, ବର୍ହା ଭଳି ଜୀବଜନ୍ତୁଙ୍କ ସୁରକ୍ଷିତ ଆବାସସ୍ଥଳ । ନିୟଯଗିରିର ଛାତି ଉପରେ ଯେମିତି ଜୈବ ବିବିଧତାରେ ଭରପୂର, ସେମିତି ମାଟି ଭିତରେ ରହିଛି ପ୍ରଚୁର ଖଣିଜ ସମ୍ପଦ । ବିଶେଷକରି ନିୟମଗିରି ପାହାଡ଼ ବୁକୁରେ ରହିଛି ୩୦ ମିଲିଅନ୍ ଟନ୍ ବକ୍ସାଇଟ୍ । ଏହାର ସର୍ବୋଚ୍ଚ ଉଚ୍ଚତା ୪୯୬୮ ଫୁଟ । ନିୟମଗିରି ପର୍ବାତାଞ୍ଚଳକୁ ଲାଗି କଳାହାଣ୍ଡି ଜିଲ୍ଲାର ଦୁର୍ଗା ଡଙ୍ଗର ଓ ଲିଙ୍ଗରାଜ ପର୍ବତରୁ ଦୁଇ ପ୍ରମୁଖ ନଦୀ ବଂଶଧାରା ଓ ନାଗାବଳୀର ଉତ୍ପତ୍ତି । ଏହା କଳାହାଣ୍ଡି ଓ ରାୟଗଡ଼ା ସହ ଆନ୍ଧ୍ରପ୍ରଦେଶ ଦେଇ ବଙ୍ଗୋପସାଗରରେ ପଡ଼ିଛି । ନାଗାବଳୀ ନିୟମଗିରିର ପାଦ ଧୋଇ ପ୍ରବାହିତ ହେଉଛି । ଏଥିସହ ଅନେକ ଚିରସ୍ରୋତା ଝରଣା ବି ନିୟମଗିରି ପାହାଡ଼ରୁ ବାହାରିଛି । ଏତେସବୁ ସମ୍ଭାରରେ ଭରପୂର ନିୟମଗିରିରେ ବକ୍ସାଇଟ୍ ଖନନକୁ ନେଇ ଏକଦା ତୋମ୍ବିତୋଫାନ ହୋଇଥିଲା ।



## ନିୟମଗିରି ଓ ଡଙ୍ଗରିଆ କନ୍ଧ

ରାୟଗଡ଼ା ଜିଲ୍ଲାର ବିଷମକଟକ, ମୁନିଗୁଡ଼ା ଓ କଲ୍ୟାଣସିଂପୁର ବ୍ଲକ୍‌ର ନିର୍ଦ୍ଦିଷ୍ଟ ଅଞ୍ଚଳରେ ଡଙ୍ଗରିଆମାନଙ୍କ ଜୀବନଜୀବିକା ସୀମିତ । ସେହିପରି କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ୍‌ର କିଛି ଅଞ୍ଚଳରେ ସେମାନେ ବସବାସ କରନ୍ତି । ଡଙ୍ଗରିଆ ଜନଜାତିର ଲୋକଙ୍କ ଜୀବନଜୀବିକା ନିୟମଗିରି ପାହାଡ଼ର ଝରଣା ଓ ଡଙ୍ଗର ମାଟି ଉପରେ ନିର୍ଭର । ପାରଂପରିକ ହଳଦୀ, ଅଦା ଚାଷ ସହ ବିଭିନ୍ନ ପ୍ରକାରର ଫଳ ଚାଷ କରନ୍ତି ଡଙ୍ଗରିଆମାନେ । ମସଲା ଓ ଫଳ ଉତ୍ପାଦନ ସହ ଏହାର ବିକ୍ରି କରି ଜୀବନ ଧାରଣ କରନ୍ତି । ଏଥିସହ ନିୟମଗିରି ପାହାଡ଼ାଞ୍ଚଳରେ କୁଟିଆ କନ୍ଧ ଜନଜାତିର ଲୋକେ ବି ବସବାସ କରନ୍ତି ।

## ନିୟମଗିରି ପର୍ବତପୁଞ୍ଜ : ନିୟମରଜାର ଭାଇ

ନିୟମଗିରି କେବଳ ଏକ ପାହାଡ଼ ନୁହଁ ଏହା ଏକ ପାହାଡ଼ ପୁଞ୍ଜ । ତା'ର ଅନେକ ସାଥୀ ଅଛନ୍ତି । ହାତକୁ ହାତ ଧରାଧରି ହୋଇ ରହିଛନ୍ତି ସାନବଡ଼ କେତେ କେତେ ପାହାଡ଼ । ନିୟଗିରି ପର୍ବତାମାଳା ଅନ୍ତର୍ଗତ ରହିଛି କଟାଙ୍ଗ ଯୋଡ଼ି ପାହାଡ଼, ପାପୀକୁଡ଼ା, କୁଟିଗୁରା, ହିଙ୍ଗାବାଲି, ଆକାନଯୋଡ଼ି, କିଓନି, ମାରଗଣ୍ଡ, କେଚାବାଲି, ଦୁରୁମୁଲି, କେସକାପଲା, ଲହରାବାଲି, ଡିଣ୍ଡେରୀ, ହାଣ୍ଡିଯୋଡି, ଡୁଣ୍ଡୁଡ଼ାଣା, କିକ୍ରିଦାରୀ, ବୁଢ଼ିଘାଟି, କାଡ଼ାମ୍ବା, ଆସ୍ୱାବାଲି, ତାମିଲି । ଏମିତି ଆହୁରି କେତେ ଅଛି । ଏସବୁ କାଳେ ନିୟମରଜାର ଭାଇ । ଆଉ ତାରି କୋଳରେ ଡଙ୍ଗରିଆ । ଏମାନଙ୍କୁ ପୂଜା କରେ ଡଙ୍ଗରିଆ ।

## ପାହାଡ଼ ଓ ବିଦ୍ରୋହ

**ପାହାଡ଼ ନିପଟ ନିର୍ଜୀବ ନୁହେଁ । ତାରି ଛାତିରେ ସାଇତା ହୋଇ ରହିଛି ଅନେକ କଥା ଓ ଗାଥା । ଅନେକ ଇତିହାସର ମୂକସାକ୍ଷୀ ରାୟଗଡ଼ା ଜିଲ୍ଲାର ଅନେକ ପାହାଡ଼ । ରାୟଗଡ଼ା ଜିଲ୍ଲାର ପୁଟାସିଂ ପାହାଡ଼ରୁ ଜନ୍ମ ନେଇଛି ପ୍ରସିଦ୍ଧ ସଉରା ବିଦ୍ରୋହ ଓ ଆଉ ନିୟମଗିରି ପାହାଡ଼ର ପାଦ ଦେଶରୁ ସଂଗଠିତ ହୋଇଛି କନ୍ଧ ମେଳି । ଆଉ ଏଇ ପାହାଡ଼ ବି ପାଳଟିଛି ଏଠି ମଣିଷଙ୍କ ଜୀବନ । ତା'ର ସୁରକ୍ଷା ଆମର ଦାୟିତ୍ୱ । ବ୍ୟାପକ ଜଙ୍ଗଲ କ୍ଷୟ, ପୋଡୁ ଚାଷ ଦାଉରୁ ଜୈବ ବିବିଧତାରେ ଭରପୂର ରାୟଗଡ଼ା ଜିଲ୍ଲାର ପ୍ରମୁଖ ପାହାଡ଼କୁ ବଞ୍ଚେଇବା ଆବଶ୍ୟକ । ନହେଲେ କିମ୍ବଦନ୍ତୀଭରା ଆମ ପାହାଡ଼ ଓ ସବୁଜିମା ଅଚିରେ ଧ୍ୱଂସ ପାଇବ ।**




ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା- ୭୬୫୦୦୧
ମୋ: ୯୪୩୭୯୦୯୬୭୧











# ବଣ୍ଡା ଜନଜାତିଙ୍କ ନିର୍ଭୟ ବସତି

# ବଣ୍ଡା ପାହାଡ଼

ଜଙ୍ଗଲ ପାହାଡ଼ ଘେରା ମାଲକାନଗିରି ଜିଲ୍ଲା । ସତେ ଯେମିତି ପ୍ରକୃତିର କୋଳରେ କଅଁଳ ଶିଶୁଟିଏ ପରି ଶୋଇ ରହିଛି । ଏହି ଜିଲ୍ଲାର ଅଧିକାଂଶ ଅଧିବାସୀ ଆଦିବାସୀ ସମ୍ପ୍ରଦାୟର । ଯେଉଁମାନଙ୍କ ମଧ୍ୟରେ ଅନେକ ଆଜି ମଧ୍ୟ ପାହାଡ଼ ଉପରେ ନିଜର ବସତି ସ୍ଥାପନ କରି ରହିଛନ୍ତି । ଏହି ପାହାଡ଼ ହିଁ ସେମାନଙ୍କୁ ଜୀବନଜୀବିକା ଦେଉଛି । ଏଭଳି ଏକ ପ୍ରସିଦ୍ଧ ଓ ଐତିହ୍ୟ ବହନ କରୁଥିବା ପାହାଡ଼ ହେଉଛି ମାଲକାନଗିରି ଜିଲ୍ଲାର ଖଇରପୁଟ ବ୍ଲକ୍ ଅନ୍ତର୍ଗତ ବଣ୍ଡା ପାହାଡ଼ ତଥା ବଣ୍ଡା ଘାଟି । ଅତ୍ୟନ୍ତ ଦୁର୍ଗମ ଅଞ୍ଚଳ ମଧ୍ୟରେ ପରିଗଣିତ ହେଉଥିବା ଏହି ପାହାଡ଼ ଉପରେ ରୁହନ୍ତି ଆଦିମ ବଣ୍ଡା ଜନଜାତିର ଲୋକେ । ପିଢ଼ି ପରେ ପିଢ଼ି ବର୍ଷ ବର୍ଷ ଧରି ଏହି ଜନଜାତିର ଲୋକେ ଏହି ପାହାଡ଼ ଉପରେ ନିର୍ଭରଶୀଳ । ବଣ୍ଡା ପାହାଡ଼କୁ ନେଇ ଏହି ସ୍ୱତନ୍ତ୍ର ଉପସ୍ଥାପନା ।

**ଅଶୋକ ମିଶ୍ର**, ମାଲକାନଗିରି

## ବଣ୍ଡା ପାହାଡ଼ ଓ ପୌରାଣିକ ଗାଥା

ମାଲକାନଗିରି ଜିଲ୍ଲାର ସୌନ୍ଦର୍ଯ୍ୟମୟୀ ଐତିହାସିକ ପାହାଡ଼ ବଣ୍ଡା ପାହାଡ଼। କାହିଁ କେଉଁ କାଳରୁ ଏହି ପାହାଡ଼ ଅଞ୍ଚଳରେ ବଣ୍ଡା ଜନଜାତିର ଲୋକେ ବସବାସ କରିଆସୁଛନ୍ତି । ବଣ୍ଡା ଜନଜାତିଙ୍କ ଜୀବନ ଶୈଳୀ ବେଶ୍ ସ୍ୱତନ୍ତ୍ର ଓ ନିଆରା। ଏହି ପାହାଡ଼କୁ ନେଇ ରହିଛି ଏକ ପୌରାଣିକ ଗାଥା। କୁହାଯାଏ, ପ୍ରଭୁ ରାମଚନ୍ଦ୍ର ଯେତେବେଳେ ବନବାସରେ ଥିଲେ, ସେହି ସମୟରେ ଏହି ଜନଜାତି ଏଠାରେ ରହୁଥିଲେ। ପ୍ରଭୁ ରାମଚନ୍ଦ୍ରଙ୍କ ବନବାସ ସମୟରେ ବଣ୍ଡା ଘାଟିରେ ମାତା ସୀତା ଏକ କୁଣ୍ଡରେ ସ୍ନାନ କରୁଥିଲେ । ଏହାକୁ 'ସୀତାକୁଣ୍ଡ' ବୋଲି କୁହାଯାଏ । ବର୍ତ୍ତମାନ ମଧ୍ୟ ଏଠାରେ ସେହି କୁଣ୍ଡ ରହିଛି । ଏହି ପାହାଡ଼ରେ ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଡ଼ିଥିବାରୁ ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା ପାଇଁ ଏଠାରେ ଥିବା ସୀତା କୁଣ୍ଡରୁ ପବିତ୍ର ଜଳ ମଧ୍ୟ ସଂଗ୍ରହ କରି ପଠାଯାଇଥିଲା । ଏହି ପାହାଡ଼ ଓ ଜନଜାତି ବିଷୟରେ ଅନେକ କଥା ରହିଛି ।

## ବଣ୍ଡା ପାହାଡ଼ର ଅବସ୍ଥିତି

ମାଲକାନଗିରି ଜିଲ୍ଲାର ଉତ୍ତର-ପୂର୍ବ ଖଇରପୁଟ ବ୍ଲକ୍ ଅନ୍ତର୍ଗତ ମୁଦୁଲିପଡ଼ା, ଅଣ୍ଡ୍ରାହାଲ ଏବଂ ବଡ଼ଦୁରାଲ ପଞ୍ଚାୟତକୁ ବଣ୍ଡାଘାଟି ନିଜ ବୁକୁରେ ଧରି ରଖିଛି । ଏହି ୩ଟି ପଞ୍ଚାୟତକୁ ବଣ୍ଡା ଘାଟି କୁହାଯାଇଥାଏ । ଏହାର ଅବସ୍ଥିତି ସମୁଦ୍ର ପତନଠାରୁ ପ୍ରାୟ ୬୦୦୦ ଫୁଟ୍ ଉପରେ ରହିଛି । ବଣ୍ଡା ପାହାଡ଼ ଉପରେ ପ୍ରାୟ ୩୨ଟି ଗ୍ରାମରେ ୨୪୫ ଘରର ପାଖାପାଖି ୬୭୦୦ ଜଣ ଲୋକ ରହିଛନ୍ତି । ପାହାଡ଼ ଉପରେ ରହୁଥିବା ଏହି ବଣ୍ଡାମାନଙ୍କ ପୋଷାକରେ ପାହାଡ଼ର ଅନେକ କଳାକୃତି, କଉଡ଼ି, ମାଳି ରହିଥାଏ । ଏହି ଜନଜାତିର ଲୋକଙ୍କ ଚଳଣି ଏବଂ ପୂଜାପାର୍ବଣ ସଂପୂର୍ଣ୍ଣ ଅଲଗା । ବଣ୍ଡାଘାଟି ଦୁର୍ଗମ ଭାବେ ପରିଚିତ ଥିବାରୁ ଏହାକୁ ଲୋକଙ୍କ ନଜରକୁ ଆଣିବା ପାଇଁ ସରକାର ଅନେକ ବିକାଶମୂଳକ ପଦକ୍ଷେପ ନେଇଛନ୍ତି । ତେବେ ବର୍ତ୍ତମାନ ଏହି ଅଞ୍ଚଳରେ ରାସ୍ତାଘାଟ ସହ ଅନେକ କିଛି ବିକାଶ ହୋଇଛି। ସେପଟେ କେତେକ କାରଣ ଯୋଗୁଁ ବର୍ତ୍ତମାନ ବିଦେଶୀ ପର୍ଯ୍ୟଟକଙ୍କୁ ଏହି ପାହାଡ଼ ଯିବାକୁ ବାରଣ କରାଯାଇଛି। ଯଦିଓ ଅନ୍ୟମାନେ ଏଠାକୁ ଯାଇ ପାରିବେ, କିନ୍ତୁ ବିଦେଶୀ ପର୍ଯ୍ୟଟକଙ୍କୁ ଏଠାକୁ ଯିବା ମନା।

## ଜୀବିକା ଯୋଗାଉଛି ବଣ୍ଡା ପାହାଡ଼

ବଣ୍ଡା ପାହାଡ଼ ପୂର୍ବରୁ ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା । ଏହି ଜଙ୍ଗଲ ହିଁ ଏଠାକାର ଲୋକଙ୍କୁ ଖାଦ୍ୟ, ବାସଗୃହ ପାଇଁ ସାମଗ୍ରୀ ଓ ରୋଜଗାର ଯୋଗାଇ ଆସୁଛି। ଝୁଣା, ଲାଖ, ମହୁଲ, ମହୁ, ପତ୍ର, କାଜୁ, କାଠ ଆଦି ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ବଣ୍ଡା ଲୋକଙ୍କ ପାଇଁ ଜୀବିକାର୍ଜନର ମାଧ୍ୟମ ପାଲଟିଛି। ଯଦିଓ ପୂର୍ବ ପରି ଆଉ ଜଙ୍ଗଲ ନାହିଁ, ତେଣୁ ଜଙ୍ଗଲ ବୃଦ୍ଧି ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଅନେକ ସମୟରେ ଏଠାରେ ଜଙ୍ଗଲରେ ନିଆଁ ଲାଗି ପୋଡ଼ି ଯାଉଥିବାରୁ ଜଙ୍ଗଲ ହ୍ରାସ ପାଇବାରେ ଲାଗିଛି। ବଣ୍ଡା ପାହାଡ଼ର ଉଚ୍ଚତା ହେତୁ ଏଠାରେ ଥଣ୍ଡା ଅଧିକ ହୁଏ । ପାହାଡ଼ ସୃଷ୍ଟ ଝରଣାର ପାଣି ଏଠାରେ ଲୋକଙ୍କୁ ପାନୀୟ ଜଳ ଯୋଗାଇଥାଏ । ଅଞ୍ଚଳଟି ବୃକ୍ଷରାଜିରେ ପରିପୂର୍ଣ୍ଣ ହେତୁ ଲୋକଙ୍କୁ ଏହାର ପ୍ରାକୃତିକ ପରିବେଶ ବେଶ୍ ଆକର୍ଷିତ କରିଥାଏ । ସୁଉଚ୍ଚ ପର୍ବତମାଳାରେ ବିଶାଳ ଗଛଗୁଡ଼ିକ ସତେ ଯେମିତି ଲୋକଙ୍କୁ ସ୍ୱାଗତ ଜଣାଇବା ପାଇଁ ଦଣ୍ଡାୟମାନ ହୋଇଥିବା ପରି ମନେ ହୁଏ ।



ବଣ୍ଡା ଘାଟି ଅଞ୍ଚଳର ବିକାଶକୁ ନଜର ରଖି ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନେଇଛନ୍ତି । ୧୯୭୭ ମସିହାରେ ଓଡ଼ିଶା ସରକାର ବଣ୍ଡା ବିକାଶ ଏଜେନ୍ସି (ବିଡିଏ)କୁ ଆରମ୍ଭ କରିଥିଲେ। ସେବେଠାରୁ ବଣ୍ଡା ବିକାଶ ଏଜେନ୍ସି ଦ୍ୱାରା ନିଆଯାଇଥିବା ପଦକ୍ଷେପ ଯୋଗୁଁ ଅନେକ କ୍ଷେତ୍ରରେ ବିକାଶ ଆସିଛି। ବର୍ତ୍ତମାନ ସ୍ଥିତିରେ କିଛିଟା ସୁଧାର ଆସିଛି । ବଣ୍ଡା ଘାଟିରେ ସରକାରୀ ଯୋଜନାକୁ ସୁଚାରୁ ରୂପରେ ତୁଲାଇବା ସ୍ଥାନୀୟ ପ୍ରଶାସନର ଗୁରୁ ଦାୟିତ୍ୱ ରହିଛି ।






# ସପ୍ତଶଯ୍ୟା ପାହାଡ଼

ସୟଦ୍ ଇମ୍ତିଆଜ୍ ହୁସେନ୍, ଢେଙ୍କାନାଳ

**ଢେଙ୍କାନାଳର ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ ନୈସର୍ଗିକ ଶୋଭାବର୍ଦ୍ଧନକାରୀ ଏକ ପାହାଡ଼ ସପ୍ତଶଯ୍ୟା । ପକ୍ଷୀଙ୍କ କାକଳୀ, ବନଫୁଲର ବାସ୍ନା, ଆକାଶକୁ ସ୍ପର୍ଶ ପାଇଁ ଉଦ୍ୟମରତ ବୃକ୍ଷରାଜିର ସମ୍ଭାର, ମାଙ୍କଡ଼ଙ୍କ ଖେଳକୁଦ, କଳକଳ ନିନାଦିନୀ ଝରଣାର ଶବ୍ଦ, ନିଶବ୍ଦତା ମଧ୍ୟରେ ଝିଙ୍କାରୀର କର୍ଣ୍ଣଭେଦୀ ଶବ୍ଦରେ ଆନମନା ମନକୁ ସୌନ୍ଦର୍ଯ୍ୟର ପରିପାଟିରେ ବାନ୍ଧିରଖିବାର ମନ୍ତ୍ର ସପ୍ତଶଯ୍ୟା ପାହାଡ଼ର ପ୍ରାକୃତିକ ପରବେଶରେ ପରିବର୍ଦ୍ଧିତ ଏବଂ ପରିପୂର୍ଣ୍ଣ । ନିସ୍ତବତା ମଧ୍ୟରେ ଓଁ କାରର ଶବ୍ଦ ଏବଂ ମନ୍ଦିରର ଘଣ୍ଟ ଶବ୍ଦ ହିଁ ଏକାଗ୍ରତାର ସ୍ଥିତିକୁ ଜାଗ୍ରତ କରିଦିଏ । ଅନନ୍ୟ ରୂପସମ୍ଭାରରେ ପରିପୂର୍ଣ୍ଣ ସପ୍ତଶଯ୍ୟା ପାହାଡ଼ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ ।**

## ପୌରାଣିକ ଗାଥା ଓ ଲୋକକଥା

ମହାଭାରତ କାହାଣୀ ଅନୁସାରେ ପାଣ୍ଡବ ପାଞ୍ଚ ଭାଇ ନିର୍ବାସନ ସମୟରେ ସପ୍ତଶଯ୍ୟା ପାହାଡ଼ରେ ଆଶ୍ରୟ ନେଇଥିବାର ଲୋକକଥା ପ୍ରଚଳିତ । ଦୀର୍ଘ ବାର ବର୍ଷ ନିର୍ବାସନ ସମୟରେ ପାଣ୍ଡବମାନେ ଏଠାରେ ଏକ ବର୍ଷ ଅଜ୍ଞାତ ବାସରେ ରହିଥିଲେ । ଅନ୍ୟ ଏକ ଲୋକକଥା ରାମାୟଣକୁ ନେଇ ବେଶ୍ ପ୍ରଚଳିତ । ରାମ ବନବାସ ସମୟରେ ମାତା ସୀତାଙ୍କ ସହିତ ଏହି ବଣମୂଳକରେ ସାତଦିନ ବସବାସ କରୁଥିବାରୁ ଏହା ସପ୍ତଶଯ୍ୟା ନାମରେ ଖ୍ୟାତ । ପୁନଶ୍ଚ ଏହି ସପ୍ତଶଯ୍ୟା ପର୍ଯ୍ୟଟନ ପୀଠ ସାତ ଗୋଟି ପାହାଡ଼ ପର୍ବତକୁ ନେଇ ଗଠିତ । ସାତ ଜଣ ଋଷି ବା ସପ୍ତର୍ଷିଙ୍କୁ ନେଇ ଗଠିତ ହୋଇଛି ଏହି ସପ୍ତଶଯ୍ୟା । ସାତଜଣ ଋଷି ସାତଟି ପର୍ବତରେ ଆଶ୍ରମ ସ୍ଥାପନ କରି ସାଧନା କରୁଥିବାରୁ ଏହା ସପ୍ତଶଯ୍ୟାର ମାନ୍ୟତା ପାଇଛି ।




## ଔଷଧୀୟ ବୃକ୍ଷଲତାରେ ପରିପୂର୍ଣ୍ଣ ସପ୍ତଶଯ୍ୟା


ନୈସର୍ଗିକ ପ୍ରାକୃତିକ ଶୋଭାମଣ୍ଡନ କରୁଥିବା ସପ୍ତଶଯ୍ୟା ପୀଠ ଔଷଧୀୟ ବୃକ୍ଷରାଜିରେ ପରିପୂର୍ଣ୍ଣ । ଶାଳ, ପିଆଶାଳ, ଶାଗୁଆନ, ପଣସ, ଶିଆଳୀ ଲଟା, ଆମ୍ବ ଆଦି ବିଭିନ୍ନ ଗଛରେ ପରିପୂର୍ଣ୍ଣ ଏହି ସଂରକ୍ଷିତ ଜଙ୍ଗଲ । ପର୍ବତ ଉପରୁ ତଳକୁ ବହିଆସୁଥିବା ଝରଣାର ଶୀତଳ ଜଳ ବେଶ୍ ଆମୋଦଦାୟକ । ଜଳରେ ଅନେକ ଔଷଧୀୟ ଗୁଣ ରହିଛି । ଏହି ଜଙ୍ଗଲରେ ବିଭିନ୍ନ ପ୍ରକାର ଜୀବଜନ୍ତୁଙ୍କ ରହିଛନ୍ତି । ଏହି ସ୍ଥାନକୁ ଯିବାକୁ ହେଲେ ସଡ଼କପଥ, ରେଳପଥରେ ଯିବାକୁ ପଡ଼ିଥାଏ । ଢେଙ୍କାନାଳ ସହରଠାରୁ ୧୨ କିମି, ଭୁବନେଶ୍ୱର ବିମାନ ବନ୍ଦରଠାରୁ ୯୦ କିମି ଏବଂ ଢେଙ୍କାନାଳ ରେଳଷ୍ଟେସନଠାରୁ ମାତ୍ର ୧୫ କିମି ଦୂରରେ ଏହା ଅବସ୍ଥିତ । ସିଧାସଳଖ ଭାବରେ ସଡ଼କପଥରେ ଗଲେ ସପ୍ତଶଯ୍ୟା ଛକଠାରୁ ପାହାଡ଼ ଉପରକୁ ଯିବାକୁ ପଡେ । ପାହାଡ଼ ଉପରେ ରହିଛି ମର୍ଯ୍ୟାଦା ପୁରୁଷୋତ୍ତମ ରାମଚନ୍ଦ୍ରଙ୍କ ଭବ୍ୟ ମନ୍ଦିର । ରଘୁନାଥଙ୍କ ମନ୍ଦିରରେ ପ୍ରଭୁ ରାମ, ମାତା ସୀତା ଏବଂ ଲକ୍ଷ୍ମଣଙ୍କ ସହିତ ରାମ ଭକ୍ତ ହନୁମାନ ପୂଜା ପାଉଛନ୍ତି । ସେହିପରି ମାତା ଅନ୍ନପୂର୍ଣ୍ଣା, ସୂର୍ଯ୍ୟନାରାୟଣ, ଶିବ, ଗଣେଶ, ମହାବୀର, ନବଗ୍ରହ ପୂଜା ପାଉଛନ୍ତି । ପାହାଡ଼ ଉପରକୁ ଯିବାକୁ ପର୍ଯ୍ୟଟକମାନଙ୍କ ପାଇଁ ସମସ୍ତ ପ୍ରକାର ସୁବିଧା ସୁଯୋଗ ରହିଛି । ମନ୍ଦିର ନିକଟରେ ପାହାଡ଼ରେ ଋଷିମୁନିଙ୍କ ଆଶ୍ରମ ସମସ୍ତଙ୍କୁ ଆକର୍ଷିତ କରିଥାଏ । ପ୍ରାୟ ୯ ଶହ ଫୁଟ ଉଚ୍ଚତାରେ ରହିଥିବା ପର୍ବତରେ ମନ୍ଦିର ସହିତ ପ୍ରାକୃତିକ ପରିବେଶ ବେଶ୍ ମନୋରମ । ଏହି ପାହାଡ଼ ଉପରେ ରହିଛି ବହୁ ଚର୍ଚ୍ଚିତ ସ୍ୱର୍ଗତ ବିଷ୍ଣୁ ବାବାଙ୍କ ସାଧନା ସ୍ଥଳୀ । ପ୍ରାୟ ୨୦ ବର୍ଗ କିମି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ସପ୍ତଶଯ୍ୟା ପୀଠ ବଣଭୋଜି ପାଇଁ ଏକ ଉତ୍କୃଷ୍ଟ ସ୍ଥଳ । ଗମନାଗମନ ଦୃଷ୍ଟିରୁ ଏହା ସୁରକ୍ଷିତ । ପର୍ଯ୍ୟଟକମାନଙ୍କ ପାଇଁ ସପ୍ତଶଯ୍ୟା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ମାନ୍ୟତାଲାଭ କରିଛି । ମୁଖ୍ୟତଃ ବଣଭୋଜି କରିବା ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ବେଶ୍ ଆନନ୍ଦମୟ ।

## କପିଳାସ ପାହାଡ଼



ଢେଙ୍କାନାଳ ଜିଲ୍ଲା ପର୍ଯ୍ୟଟନ କ୍ଷେତ୍ରରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ପୀଠ କପିଳାସ ସମଗ୍ର ରାଜ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ବହନ କରେ । ପ୍ରାକୃତିକ ପରିବେଶ ସହିତ ପ୍ରକୃତିର ଅନନ୍ୟ ଶୋଭାରାଜି ଦର୍ଶକମାନଙ୍କୁ ବେଶ୍ ଆମୋଦିତ କରିଥାଏ । ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ମନ୍ଦିର ଖ୍ରୀଷ୍ଟପୂର୍ବ ୧୨୪୬ ଖ୍ରୀଷ୍ଟାବ୍ଦରେ ଗଙ୍ଗ ସମ୍ରାଜ୍ୟର ନରପତି ପ୍ରଥମ ନରସିଂହଦେବ ନିର୍ମାଣ କରିଥିଲେ । ମନ୍ଦିରର ଉଚ୍ଚତା ୬୦ଫୁଟ ହୋଇଥିବା ବେଳେ ସମୁଦ୍ର ପତ୍ତନ ଠାରୁ ୨ ହଜାର ୨୩୯ ଫୁଟ ଉଚ୍ଚତାରେ ରହିଛି । ପ୍ରାକୃତିକ ପରିବେଶର ଭରା କପିଳାସ ପୀଠରେ ପ୍ରଭୁ ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ବୁଢାଲିଙ୍ଗ ଭାବରେ ପରିଚିତ । ପାର୍ଶ୍ୱ ଦେବଦେବୀ ଭାବରେ ମାତା ପାର୍ବତୀଙ୍କ ମନ୍ଦିର ସହିତ ଗଣେଶ, କାର୍ତ୍ତିକ, ଗଙ୍ଗାଦେବୀ ରହିଥିବା ବେଳେ ମନ୍ଦିରର ଗୋଟିଏ ପାର୍ଶ୍ୱରେ ପତିତପାବନ ଶ୍ରୀଜଗନ୍ନାଥ ରହିଛନ୍ତି । ମନ୍ଦିରର ପ୍ରୟାମୃତ କୁଣ୍ଡ ଏବଂ ମରୀଚି କୁଣ୍ଡ ମଧ ରହିଛି । ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ଭିଡ଼ ବେଶ୍ ଦେଖିବାକୁ ମିଳିଥାଏ । ସେହିପରି କପିଳାସ ପୀଠରେ ବିଶ୍ୱନାଥଙ୍କ ମନ୍ଦିର ବେଶ୍ ଆକର୍ଷଣୀୟ ହୋଇଥାଏ । କପିଳାସ ପୀଠରୁ ଝରଣା ବହି ଆସିଥିବାବେଳେ ମନ୍ଦିରକୁ ଯିବାକୁ ୧୨୫୨ ପାହାଚ କିମ୍ବା ୧୨ ବାଙ୍କ ଦେଇ ଉପରକୁ ଯିବାକୁ ହୋଇଥାଏ । କପିଳାସ ପୀଠର ଉପରେ ସୀତାଙ୍କ ଏନ୍ଟୁଡ଼ିଶାଳ ରହିଛି ଏବଂ ଯେଉଁଠାରେ ମାତା ସୀତା ଅବସ୍ଥାନ କରିଥିଲେ ବିଶ୍ୱାସ ରହିଛି । କପିଳାସ ପୀଠକୁ ଲାଗି ପ୍ରାୟ ୧୨୫.୫ ବର୍ଗ କିଲୋମିଟରରେ ପରିବ୍ୟାପ୍ତ ଅଞ୍ଚଳକୁ ନେଇ ଗଠିତ ହୋଇ କପିଳାସ ଅଭୟାରଣ୍ୟ । ଏହି ଅରଣ୍ୟରେ ବହୁ ଜୀବ ଜନ୍ତୁଙ୍କ ସହିତ ହାତୀ, ହରିଣ, ବାଘ, ଝିଙ୍କ, କୁଟୁରା, ସମ୍ବର, ଭାଲୁ, ବଜ୍ରକାପ୍ତା, ଅହିରାଜ, ଅଜଗର ସାପଙ୍କ ସହିତ ନେପାଳୀ ବା ବୃହତ୍ ଗୁଣ୍ଡୁଚିମୁଷା ବି ରହୁଛନ୍ତି । ■





**ଖୋର୍ଦ୍ଧା ଜିଲ୍ଲାର ଏକ ମନୋରମ ଓ ପ୍ରାକୃତିକ ସବୁଜ ବନାନୀ ପରିବେଶ ମଧ୍ୟରେ ବରୁଣେଇ ପାହାଡ଼ ଅନ୍ୟତମ। କୁଣ୍ଡା ପଥରରେ ଭରା ଏବଂ ଔଷଧୀୟ ଗୁଳ୍ମଲତାରେ ପରିପୂର୍ଣ୍ଣ ୩୦୪.୮ ମିଟର ଉଚ୍ଚତା, ଦୈର୍ଘ୍ୟ ୭ କି.ମି.ଏବଂ ପ୍ରସ୍ଥ ୮୦୦ ମିଟର ପରିଧିର ପାହାଡ଼ ଉପରେ ଦେବୀ ବରୁଣେଇ କରୁଣେଇ ମନ୍ଦିର ବିଦ୍ୟମାନ। ଏହି ପାହାଡ଼ର ମନଲୋଭା ମନୋରମ ଦୃଶ୍ୟପଟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରେ। ପାହାଡ଼ଟି ଦେଖିବାକୁ ଏକ ହସ୍ତୀ ସଦୃଶ୍ୟ।**

# ବାରୁଣାବନ୍ତରୁ ବରୁଣେଇ


ରଞ୍ଜିତ କେ.ଏନ୍. ସାମନ୍ତରାୟ, ଖୋର୍ଦ୍ଧା

ଖୋର୍ଦ୍ଧା ସହରର ପୂର୍ବ–ଦକ୍ଷିଣ ଦିଗରେ ଅବସ୍ଥିତ ବରୁଣେଇ ପର୍ବତକୁ ପ୍ରାଚୀନ ଶାସ୍ତ୍ରରେ 'ବାରୁଣୀ ପର୍ବତ ଓ ବାରୁଣାବନ୍ତ' ବୋଲି ଉଲ୍ଲେଖ ରହିଛି । ଅପଭ୍ରଂଶିତ ହୋଇ ଏହା ବରୁଣାଇ ଓ ବରୁଣେଇ ନାମରେ କଥିତ ହେଉଛି । ୭ କି.ମି. ପର୍ଯ୍ୟନ୍ତ ବ୍ୟାପୀ ଲମ୍ବି ରହିଛି ଏହି ପାହାଡ଼ । ଦକ୍ଷିଣ-ପଶ୍ଚିମରେ ପଲ୍ଲା ଗ୍ରାମଠାରୁ ଆରମ୍ଭ କରି ଉତ୍ତର-ପୂର୍ବ ଦିଗରେ ବଡ଼ତୋଟା-ବେଲପଡ଼ା ପର୍ଯ୍ୟନ୍ତ ରହିଛି। ବିଭିନ୍ନ ସ୍ଥାନରେ ପର୍ବତ ସୋପାନଗୁଡ଼ିକ ଭିନ୍ନଭିନ୍ନ ନାମରେ ଲୋକଙ୍କ ଭାଷାରେ ନାମିତ ହୋଇଛି। ଉତ୍ତର ପଶ୍ଚିମ ଦିଗରେ ଖୋର୍ଦ୍ଧା ଦୁର୍ଗ ରହିଛି ।

ବରୁଣେଇ ପାହାଡ଼ଟି ପୂର୍ବଘାଟ ପର୍ବତମାଳାର ଅଂଶବିଶେଷ। ଡମପଡ଼ା, ହଳଦିଆ, ଘାଟିକିଆ, କୁରଖି ପର୍ବତ ଶ୍ରେଣୀ ଏହାରି ମଧ୍ୟ ଦେଇ ବାଣପୁର ପର୍ଯ୍ୟନ୍ତ ଲମ୍ବିଛି। ପାହାଡ଼ର ପୂର୍ବଭାଗରେ ଉର୍ଦ୍ଧ୍ୱଭାଙ୍ଗ ୭ଟି ଓ ନିମ୍ନଭାଙ୍ଗ ୬ଟି ଥିବାସ୍ଥଳେ ପଶ୍ଚିମ ଖଣ୍ଡରେ ଉଦ୍ଧ୍ୱର୍ଭାଙ୍ଗ ନିମ୍ନଭାଙ୍ଗରେ ସଂଖ୍ୟା ଯଥାକ୍ରମେ ଚାରି ଓ ତିନି। ମୋଟ ଭାଙ୍ଗ ୨୦ରୁ ୧୧ଟି ଉର୍ଦ୍ଧ୍ୱ ଓ ୯ଟି ନିମ୍ନଭାଙ୍ଗ। ପାହାଡ଼ଟି ଭଙ୍ଗିଳ ପର୍ବତମାଳା ଶ୍ରେଣୀର। ବରୁଣେଇ ପାହାଡ଼ର ଉଚ୍ଚତା ପ୍ରାୟ ୧୦୦୭ ଫୁଟ୍ ପୂର୍ବ ଶୃଙ୍ଗ ୨୫୦ ଫୁଟ୍ ବୋଲି କୁହନ୍ତି ଐତିହାସିକ ସତ୍ୟବାଦୀ ବଳିୟାରସିଂହ ।

## ବୃହତ୍ ଶାଗୁଆନ ଜଙ୍ଗଲ

ବରୁଣେଇ ପର୍ବତମାଳା ଭିନ୍ନଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନାମରେ ନାମିତ ହୋଇଥିବାବେଳେ ଏହାର ଦକ୍ଷିଣ ଅଂଶକୁ 'ଲାଞ୍ଜିଆ ପାହାଡ଼' କୁହାଯାଏ । ଲମ୍ବରେ ଏହା ପ୍ରାୟ ଦୁଇ କିଲୋମିଟର। ଏହା ମଧ୍ୟରେ ଅନେକ ଛୋଟ ଛୋଟ ପାହାଡ଼ ପୁଞ୍ଜାପୁଞ୍ଜା ହୋଇଥିବାରୁ କେହି କେହି ଏହାକୁ 'ପୁଞ୍ଜିଆ ପାହାଡ଼' କହିଥାନ୍ତି। ଏହାର ଶେଷ ସୀମା ପଲ୍ଲା ମୌଜା ମଧ୍ୟରେ ରହିଛି। ବରୁଣେଇ ପର୍ବତର ଲାଞ୍ଜିଆ ପାହାଡ଼ ଅଂଶଟି ଅନ୍ୟ ପାହାଡ଼ ଭଳି ଉଚ୍ଚ ନୁହେଁ। ଏହା ଲାଞ୍ଜ ଭଳି ଲମ୍ବି ଯାଇଥିବାରୁ ଏହାକୁ 'ଲାଞ୍ଜିଆ ପାହାଡ଼' କୁହାଯାଏ। ଏହି ପାହାଡ଼କୁ ସ୍ପର୍ଶ କରି ଗ୍ରାମଗୁଡ଼ିକ ହେଲା ପଶ୍ଚିମରେ ପଲ୍ଲା, ଦକ୍ଷିଣରେ ସିଆଳିଆ ଓ ବ୍ରହ୍ମପୁରା, ଉତ୍ତରରେ ଗଡ଼ ଖୋର୍ଦ୍ଧା ଏବଂ ପୂର୍ବରେ ବରୁଣେଇର ଅନ୍ୟ ଏକ ପର୍ବତ ସୋପାନ ହେଉଛି 'ଘାଟି ପାହାଡ଼'। ଘାଟି ପାହାଡ଼ର ଉତର-ପୂର୍ବ ଦିଗରେ ରହିଛି 'ପାଣ୍ଡହରା ପାହାଡ଼'। ଲାଞ୍ଜିଆ ପାହାଡ଼ଠାରୁ ପାଣ୍ଡହରା ପାହାଡ଼ ପର୍ଯ୍ୟନ୍ତ ଶାଗୁଆନ ବୃକ୍ଷରାଜିରେ ପରିପୂର୍ଣ୍ଣ ଥିଲା। ବରୁଣେଇ ସଂରକ୍ଷିତ ଜଙ୍ଗଲ ଥିଲା ଏସିଆର ଦ୍ୱିତୀୟ ବୃହତମ ଶାଗୁଆନ ଜଙ୍ଗଲ। କାଳକ୍ରମେ ଏହା ନଷ୍ଟ ହୋଇ ହୋଇଯାଉଛି ।



## ତ୍ରେତୟା ଓ ଦ୍ୱାପର ଯୁଗର ମୂକସାକ୍ଷୀ

ପାଣ୍ଡହରା ପାହାଡ଼ ଉପରେ ରହିଛି ଶ୍ରୀରାମ ପଥର, ସୀତାକୁଣ୍ଡ। ଯାହା ତ୍ରେତୟା ଯୁଗରେ ଶ୍ରୀରାମଚନ୍ଦ୍ର ଏଠାକୁ ଆସିଥିବାର ପ୍ରମାଣ ଦିଏ । ସୀତାକୁଣ୍ଡରେ ବର୍ଷସାରା ପାଣି ଜମି ରହେ। ପାହାଡ଼ ଉପରକୁ ଯାଉଥିବା ପର୍ଯ୍ୟଟକ ଏଠାରେ ବଣଭୋଜି ଆୟୋଜନ କରିଥାନ୍ତି । ପାହାଡ଼ ଉପରିଭାଗରେ ପାଣ୍ଡବ ଗୁମ୍ଫା, ପାଣ୍ଡବଗୁହା, ବାଘ ଗୁମ୍ଫା ଆଦି ରହିଛି। ପାଣ୍ଡବମାନେ ବନବାସ କାଳରେ ଏଠାରେ ଅବସ୍ଥାନ କରିଥିବାର ଜନଶ୍ରୁତି ରହିଛି । ତେଣୁ ବରୁଣେଇ ପାହାଡ଼ ଉଭୟ ତ୍ରେତୟା ଓ ଦ୍ୱାପରଯୁଗର ମୂକସାକ୍ଷୀ ହୋଇ ରହିଛି ।

ପାଣ୍ଡହରା ପାହାଡ଼କୁ ଲାଗି ରହିଛି ତାଡ଼କୀ ପାହାଡ଼ । ବରୁଣେଇ ପାହାଡ଼ର ଏହା ସବୁଠାରୁ ଉଚ୍ଚତମ ସୋପାନ। ଦିଗବାରେଣୀ ଖୁଣ୍ଟ ସବୁ ଏଠାରେ ସ୍ଥାପିତ ହେବା ପରେ ଲୋକମାନେ ଏହାକୁ କହିବାକୁ ଲାଗିଲେ 'ଦିଗବାରେଣୀ ପାହାଡ଼'। ପୂର୍ବେ ଶତ୍ରୁମାନେ ଯେଉଁ ଦିଗରୁ ଆସିଲେ ବି ଏହି ପାହାଡ଼ ଉପରୁ ଚଢ଼ି ଜାଣି ହେଉଥିଲା। ଏହି ସ୍ଥାନରୁ ପୁରୀ ଶ୍ରୀମନ୍ଦିର ଓ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଦୃଶ୍ୟମାନ ହେଉଥିଲା। ଦିଗବାରେଣୀ ପାହାଡ଼ର ଉତ୍ତର ଦିଗକୁ ଲମ୍ବି ରହିଛି 'କାଣ୍ଡଘଷା ପାହାଡ଼'। ଏହି ପାହାଡ଼ରେ ପାଇକମାନେ ତୀର ବା କାଣ୍ଡକୁ ଘଷି ତୀକ୍ଷ୍ଣ କରୁଥିଲେ ବୋଲି ଗବେଷକମାନେ କୁହନ୍ତି। କାଣ୍ଡଘଷା ପାହାଡ଼ର ଉତ୍ତର ଦିଗରେ ରହିଛି 'ବାଘକୋରଡ଼ ପାହାଡ଼'। ଏହା ତିନୋଟି ପାହାଡ଼ର ସମଷ୍ଟି। ବରୁଣାଇ ପର୍ବତମାଳା ଦକ୍ଷିଣରେ ଲାଞ୍ଜିଆ ପାହାଡ଼ ମାଳାଠାରୁ ଉତ୍ତର-ପୂର୍ବରେ ବେଲପଡ଼ା- ଖୋଲାଦ୍ୱାର ନିକଟରେ ଥିବା ମସ୍ତୁ ମୁଣ୍ଡିଆ ପର୍ଯ୍ୟନ୍ତ ଦୀର୍ଘ ୭କି.ମି. ଦୂର ବ୍ୟାପୀ ରହିଛି।


## ପାଦଦେଶରେ ଆରାଧ୍ୟ ଦେବୀ

ବରୁଣେଇ ପାଦ ଦେଶରୁ ଦୀର୍ଘ ପାହୁଚ ଅତିକ୍ରମ ପରେ ଉପର ଶିଖରରେ ଖୋର୍ଦ୍ଧା ରାଜାଙ୍କର ଆରାଧ୍ୟ ଦେବୀ ମା' ବରୁଣେଇ ଓ ମା' କରୁଣେଇଙ୍କ ମନ୍ଦିର ରହିଛି। ଏକ ସୌନ୍ଦର୍ଯ୍ୟମୟ ପରିବେଶ ଏବଂ ଆଧ୍ୟାତ୍ମିକ ବାତାବରଣ ମଧ୍ୟରେ ମାଙ୍କ ଉପସ୍ଥିତି, ଶ୍ରଦ୍ଧାଳୁ ଭକ୍ତଙ୍କୁ ଏଠାକୁ ଟାଣି ଆଣେ । ଯିଏ ଥରେ ଆସିଛି, ସେପୁଣି ଥରେ ଟାଣି ହୋଇ ଆସେ । ମା'ଙ୍କ ଅପୂର୍ବ କରୁଣାରୁ ଦର୍ଶନର ଫଳ ସ୍ୱରୂପ ସମସ୍ତ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ଲୋକ ବିଶ୍ୱାସ ରହିଛି। ତେବେ ପାହାଡ଼ର ଆଭ୍ୟନ୍ତରଣରୁ ଚିରସ୍ରୋତା ଝରଣା ଦେବୀଙ୍କ ନାଭି ସ୍ଥଳ ଦେଇ ପାଦ ତଳକୁ ବୋହି ଯାଉଛି। ଏହି ଝରଣାକୁ ଗୁପ୍ତଗଙ୍ଗା ମଧ୍ୟ କୁହାଯାଏ। ଠାକୁରାଣୀ ପୂଜା ପାଉଥିବା ସିଂହାସନ ତଳେ ଥିବା ଏକ କୁଣ୍ଡ ଦେଇ ଏହି ଝରଣା ଜଳ ପ୍ରବାହିତ ହୋଇଥାଏ। ଏହି କୁଣ୍ଡର ଜଳକୁ ଭକ୍ତମାନେ ପାଦୁକା ରୂପେ ପାଇଥାନ୍ତି। ବହୁ ଦୂରାରୋଗ ବ୍ୟାଧିକୁ ଆରୋଗ୍ୟ କରିବାର ଶକ୍ତି ଏହି କୁଣ୍ଡ ଜଳରେ ରହିଛି ବୋଲି ଲୋକ ବିଶ୍ୱାସ ରହିଛି।

## ବୌଦ୍ଧଭିକ୍ଷୁଙ୍କ ଆସ୍ଥାନ

ଗବେଷକ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସଙ୍କ ମତରେ ଦୁଇଜଣ ପ୍ରସିଦ୍ଧ ପ୍ରତ୍ନତତ୍ତ୍ୱବିତ୍ ବରୁଣେଇ ପାହାଡ଼ର ପାଣ୍ଡବ ଗୁମ୍ଫା ସମ୍ପର୍କରେ ସର୍ବେକ୍ଷଣ କରି କଲିକତାରୁ ପ୍ରକାଶିତ ଭାରତୀୟ ପ୍ରତ୍ନତତ୍ତ୍ୱବିତ୍ ସର୍ବେକ୍ଷଣ ସଂସ୍ଥାର ଜର୍ଣ୍ଣାଲରେ ପ୍ରକାଶିତ କରିଥିଲେ। ଏହି ଗୁମ୍ଫାରେ ଦ୍ୱିତୀୟ ଶତାବ୍ଦୀରେ ବୌଦ୍ଧଭିକ୍ଷୁମାନେ ଆଶ୍ରୟ ନେଉଥିଲେ। ଏଠି ଶୟନ ଭଳି ଆକୃତି ପଥର ଖୋଦନ କରାଯାଇଛି। ଏହି ଗୁମ୍ଫାରେ ପ୍ରସ୍ତର ଗାତରେ ୨ ହଜାର ବର୍ଷ ତଳର ପ୍ରତ୍ନ ଓଡ଼ିଆ ଲିପିର ପ୍ରାରମ୍ଭିକ ଅକ୍ଷର ଉତ୍କୀର୍ଣ୍ଣ (ଖୋଦନ) କରାଯାଇଛି। ଏଥିରୁ ଓଡ଼ିଆ ଲିପିର ଆଦ୍ୟ ସ୍ୱରୂପ ନିର୍ଣ୍ଣୟ କରାଯାଇଥାଏ ବୋଲି କହିଛନ୍ତି । ■





# ଶାନ୍ତିର ପାହାଡ଼ ଧଉଳି

ଓଡ଼ିଶାର ଏପରି କେତେକ ସ୍ଥାନ ରହିଛି, ଯାହା ବିଶ୍ୱ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ସେଥିରୁ ମଧ୍ୟରୁ 'ଧଉଳି ଗିରି' ଅନ୍ୟତମ । ଏହା ଭୁବନେଶ୍ୱରରୁ ପ୍ରାୟ ୮ କିମି ଦୂରରେ ଅବସ୍ଥିତ । ଧଉଳି ଗିରି ତା'ର ଇତିହାସ ଓ ସଂରଚନା ଯୋଗୁଁ ଏକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଭାବେ ଲୋକପ୍ରିୟତା ସାଉଁଟି ପାରିଛି । ଦୟା ନଦୀ କୂଳରେ ଅବସ୍ଥିତ ଏହି ପାହାଡ଼ର ଇତିହାସ ଖୁବ୍ ସମୃଦ୍ଧ । ଏହି ପର୍ବତ କଳିଙ୍ଗ ସାମ୍ରାଜ୍ୟର କାହାଣୀ ବଖାଣି ଥାଏ । ଏହାର ପ୍ରାକୃତିକ ଶୋଭାରାଜି ଓ ଶାନ୍ତ ତଥା ସୁନ୍ଦର ପରିବେଶ ସବୁ ସମୟରେ ପର୍ଯ୍ୟଟକଙ୍କୁ ନିଜ ପ୍ରତି ଆକୃଷ୍ଟ କରିଥାଏ ।

## ଭାରତର ସର୍ବପୁରାତନ ସ୍ଥାପତ୍ୟ

ଧଉଳି ପାହାଡ଼କୁ ଭାରତର ସର୍ବପୁରାତନ ସ୍ଥାପତ୍ୟ ବୋଲି କୁହାଯାଏ । ଧଉଳିର ପ୍ରାଚୀନ ନାଁ ଥିଲା ତୋଷଳି । ଉଭୟ ତୋଷଳି, ଦକ୍ଷିଣ ତୋଷଳି, ଉତ୍ତର ତୋଷଳି, କୋଶଳ, କଙ୍ଗୋଦ, ଉତ୍କଳ, କଳିଙ୍ଗ ମିଶି ଏହା ଏକ ବିରାଟ ସାମ୍ରାଜ୍ୟ ଥିଲା । ସେତେବେଳେ ଏହାର ବିଶାଳ ନୌବାଣିଜ୍ୟ ଶକ୍ତି ଥିଲା । ଏହି ସ୍ଥାନରେ ସମ୍ରାଟ ଅଶୋକ ଖ୍ରୀଷ୍ଟପୂର୍ବ ୨୬୧ରେ କଳିଙ୍ଗ ଆକ୍ରମଣ ସମୟରେ ଶାନ୍ତିକୁ ବ୍ରତ କରି ବୌଦ୍ଧ ଧର୍ମକୁ ଗ୍ରହଣ କରିଥିଲେ ।

## ପାହାଡ଼ ଉପରେ ଅଶୋକଙ୍କ ଶିଳାଲେଖ

ଏହି ପାହାଡ଼ର ପଥର ଉପରେ ଅଶୋକଙ୍କ ଶିଳାଲେଖ ଅଛି । ଏହି ଶିଳାଲେଖରେ ରହିଛି ଅଶୋକଙ୍କ ଅନୁଶାସନ । ଏକଥା ବ୍ରାହ୍ମୀ ଏବଂ ପାଲି ଭାଷାରେ ଲେଖାଯାଇଥିବା ଉକ୍ତ ଶିଳାଲେଖରୁ ପ୍ରମାଣ ମିଳେ । ସ୍ତୂପର କାନ୍ଥ ଚତୁଃପାର୍ଶ୍ୱରେ ଭଗବାନ ବୁଦ୍ଧଙ୍କ ଜୀବନ ଏବଂ ସେହି ସମୟର ପରିବେଶ ସହ ଜଡ଼ିତ ଅନେକ କଳାକୃତି ରହିଛି । ଏହା ହିଁ ପର୍ଯ୍ୟଟକଙ୍କୁ ଧଉଳି ଗିରି ପ୍ରତି ଅଧିକ ଆକର୍ଷିତ କରିଥାଏ ।

## ଶାନ୍ତି ଓ ମୈତ୍ରୀର ପ୍ରତୀକ

ଶାନ୍ତି ସ୍ତୂପର ଶିଡ଼ିର ପ୍ରାରମ୍ଭରେ ହିଁ ଦୁଇ ପାର୍ଶ୍ୱରେ ସିଂହର ପ୍ରତିମା ରହିଛି । ସେହିପରି ଏହି ସ୍ତୂପରେ ବୁଦ୍ଧ ସାଧନାରେ ଲୀନ ଥିବା ପ୍ରତିମାରେ ନଜର ଆସନ୍ତି । ଏଠାକାର ପ୍ରାକୃତିକ ସବୁଜ ପରିବେଶ ଖୁବ୍ ମନ୍ତ୍ରମୁଗ୍ଧକର । ସେହିପରି ଏହି ପର୍ବତ ଏବେ ସୁଦ୍ଧା ଶାନ୍ତି ଓ ମୈତ୍ରୀର ପ୍ରତୀକ ସାଜିଛି । ଅନ୍ୟପଟେ ଶାନ୍ତିସ୍ତୂପ ଧଉଳି ପଛରେ ଏକ ଶିବ ମନ୍ଦିର ଅଛି । ଏହା ନାଁ ଧବଳେଶ୍ୱର । ସେହିପରି କୁହାଯାଏ, ଯେଉଁଠି ବି ବୌଦ୍ଧ କୀର୍ତ୍ତିରାଜି ରହିଛି, ସେହି ନିକଟରେ ଶିବ ମନ୍ଦିର ଅଛି । କହିବାକୁ ଗଲେ ଧଉଳି ଗିରି ତା'ର ସମୃଦ୍ଧ ଇତିହାସ, ସୁନ୍ଦର ଶାନ୍ତି ସ୍ତୂପ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ପର୍ଯ୍ୟଟକଙ୍କ ଗହଣରେ ପ୍ରସିଦ୍ଧି ଲାଭ କରିଛି । ଏ ଦୃଷ୍ଟିରୁ ପର୍ଯ୍ୟଟନ ଋତୁରେ ଏଠାରେ ପ୍ରବଳ ଭିଡ଼ ଦେଖିବାକୁ ମିଳେ । କେବଳ ସେତିକି ନୁହେଁ, ଧଉଳି କଳିଙ୍ଗ ମହୋତ୍ସବ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥାଏ । ■

# ଦେବଗିରି ପାର୍ବତମାଳା

ରଶ୍ମିରଞ୍ଜନ ମିଶ୍ର, ଗଜପତି

ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଗଜପତି ଜିଲ୍ଲାର ଗୁମ୍ମା ବ୍ଲକ୍‌ର ଅଜୟଗଡ଼ ପଞ୍ଚାୟତରେ ରହିଛି ମନୋରମ ଦେବଗିରି ପାହାଡ଼ । କୁହାଯାଏ, ଏଠାରେ ଚୁମ୍ବକୀୟ ଶକ୍ତି ରହିଛି । ଏହାର ଉଚ୍ଚତା ଓ ଚୁମ୍ବକୀୟ ଶକ୍ତି ଯୋଗୁଁ ବ୍ରିଟିଶ୍ ଅମଳରେ ଏକ ଉଡ଼ାଜାହାଜ ଏହି ପାର୍ବତ୍ୟମାଳା ଦେଇ ଯାଉଥିବା ସମୟରେ ଖସି ପଡ଼ିଥିଲା । ସେହିପରି ଏହି ପାହାଡ଼କୁ ପବନ ଗୁମ୍ଫା ମଧ୍ୟ କୁହାଯାଉଛି । କାରଣ ଗୁମ୍ମା ବ୍ଲକ୍‌ର ଅଜୟଗଡ଼, ଆଶ୍ରୟଗଡ଼, ସେରଙ୍ଗ ପ୍ରଭୃତି ଅଞ୍ଚଳ ଖରାଦିନେ ତାପମାତ୍ରା କମ୍ ଥାଏ । ଏହି ପବନ ଗୁମ୍ଫା ଯୋଗୁଁ ସମଗ୍ର ଅଞ୍ଚଳ ଥଣ୍ଡା ରହୁଥିବାର ଅଞ୍ଚଳବାସୀ ପ୍ରକାଶ କହନ୍ତି । ଏଥିସହ ଏହି ପାହାଡ଼ରେ ବିଭିନ୍ନ ଔଷଧୀୟ ବୃକ୍ଷଲତା ରହିଛି । ଦେବଗିରି ପାହାଡ଼ରେ ହିନ୍ଦୁ ଧର୍ମାବଲମ୍ବୀମାନେ ବର୍ଷକରେ ଥରେ ସମାଗମ ହୋଇ ପୂଜାର୍ଚ୍ଚନା କରିଥାନ୍ତି । ସେହିପରି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ମଧ୍ୟ ଏକତ୍ର ହୋଇ ସମୂହ ପ୍ରାର୍ଥନା କରିଥାନ୍ତି । ଦେବଗିରି ପାହାଡ଼ 'ଅଜୟ ଦୁର୍ଗ' ଭାବରେ ଜଣାଶୁଣା । ଏହା ସମୁଦ୍ର ପତ୍ତନଠାରୁ ୪, ୫୩୪ ଫୁଟ୍ ଉଚ୍ଚରେ ଅବସ୍ଥିତ । ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପରେ ଏହା ଜିଲ୍ଲାର ଦ୍ୱିତୀୟ ଉଚ୍ଚତମ ପାହାଡ଼ । ପ୍ରାକୃତିକ ଶୋଭାରାଜିରେ ପରିପୂର୍ଣ୍ଣ ଦେବଗିରି ପାହାଡ଼ ଲାଞ୍ଜିଆ ସଉରା ଅଞ୍ଚଳ ଭାବେ ବିବେଚିତ । ■








# ଟେବୁଲ ମାଉଣ୍ଟେନ୍ ତଲମାଳି

ସି. ଏଚ୍. କୁର୍ମା ରାଓ, ସେମିଳିଗୁଡ଼ା

ପର୍ଯ୍ୟଟନ କ୍ଷେତ୍ରରେ କୋରାପୁଟ ଜିଲ୍ଲାର ସ୍ୱତନ୍ତ୍ର ପରିଚୟ ରହିଛି । ଜିଲ୍ଲାର ଦେଓମାଳି, ଡୁଡୁମା, ରାଣୀଡୁଡୁମା, ନାଗେଶ୍ୱରୀ ଗୁମ୍ଫା ଆଦି ବିଭିନ୍ନ ପ୍ରସିଦ୍ଧ ପର୍ଯ୍ୟଟନ ପୀଠ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । କୋରାପୁଟ ଜିଲ୍ଲାରେ ରହିଛି ଦେଓମାଳି, ତାଲାମାଡ଼ି ଆଦି ଅନେକ ଛୋଟବଡ଼ ପାହାଡ଼ । ଦେଓମାଳି ପର୍ବତ ସର୍ବଦା ପର୍ଯ୍ୟଟକଙ୍କ ଦୃଷ୍ଟିଆକର୍ଷଣ କରିଆସିଛି । ତେବେ ବର୍ତ୍ତମାନ ଦେଓମାଳି ପାଦଦେଶରେ ଥିବା ଟେବୁଲ୍ ମାଉଣ୍ଟେନ ତାଲା ମାଡ଼ି ପର୍ଯ୍ୟଟକଙ୍କ ପ୍ରଥମ ପସନ୍ଦ ପାଲଟିଛି । ସେମିଳିଗୁଡ଼ା ବ୍ଲକ୍‌ରେ ରହିଛି ତାଲାମାଡ଼ି ପାହାଡ଼ । ଗୋଟିଏ ସ୍ଥାନ ବିଭିନ୍ନ ନାଁରେ ପରିଚିତ । ତାଲାମାଡ଼ି କେଉଁଠି ତାଡ଼ାମାଳି ତ ଆଉ କେଉଁଠି ତାଲାମାଡ଼ି ଏବଂ ସ୍ଥାନୀୟ ବାସିନ୍ଦା ଏହାକୁ ତଲମାଳି ବୋଲି କୁହନ୍ତି । ଏହି ପାହାଡ଼ ଉପରେ ଦୁଧାରି ଓ ଉପରକାଣ୍ଟି ପଞ୍ଚାୟତର ପ୍ରାୟ ଦଶଟି ଗ୍ରାମର ଦୁଇ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାଆନ୍ତି । ଏଠାରେ କରଞ୍ଜ, ହରିଡ଼ା, ବାହାଡ଼ା, ଅଁଳା ଆଦି ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରହିଛି । ଜଙ୍ଗଲଜାତ ଫୁଲ, ଫଳ ସଂଗ୍ରହ କରି ଏ ଅଞ୍ଚଳର ଲୋକେ ଜୀବିକାନିର୍ବାହ କରନ୍ତି । ଦେଓମାଳି ପର୍ବତ ପାଦଦେଶରେ ଅବସ୍ଥିତ ଟେବୁଲ୍ ମାଉଣ୍ଟେନ୍ ତଲମାଳିକୁ ଏବେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି । ଚତୁଃପାର୍ଶ୍ୱରେ ସୁଉଚ୍ଚ ପର୍ବତ ପର୍ଯ୍ୟଟକଙ୍କ ମନକୁ ବାନ୍ଧି ରଖିବାରେ ସମର୍ଥ ହୋଇପାରିଛି । ଆଦିବାସୀ କଳା ଓ ସଂସ୍କୃତିର ଝଲକ୍ ଏଠାରେ ଦେଖିବାକୁ ମିଳିଛି । ତାଲାମାଡ଼ିରେ ବେସରକାରୀ ସଂସ୍ଥା ତରଫରୁ ନାଇଟ୍ କ୍ୟାମ୍ପ୍‌ର ବ୍ୟବସ୍ଥା କରାଯାଇଛି । ପର୍ଯ୍ୟଟକମାନେ ଏଠାରେ ରହି ପ୍ରକୃତିକୁ ଉପଭୋଗ କରୁଛନ୍ତି । ■

# ଶୈଳ ସୁନ୍ଦରୀ କେନ୍ଦୁଝରୀ



ଦେବାଶିଷ ଚକ୍ରବର୍ତ୍ତୀ

**କେନ୍ଦୁଝର ସୃଷ୍ଟିର ଏକ ସୁରମ୍ୟ ଇଲାକା। ଏହାର ଚତୁର୍ଦ୍ଦିଗରେ ଘେରି ରହିଛି ଶ୍ୟାମ ଶୈଳର ଘାଗରା। ଆଠ ହଜାର ତିନିଶହ ତିନି ବର୍ଗ କିଲୋମିଟର କ୍ଷେତ୍ରଫଳ ବିଶିଷ୍ଟ ଏହି ଜିଲ୍ଲାର ଶୋଭା ଅତ୍ୟନ୍ତ ନୟନାଭିରାମ। ଗୋନାସିକା, ଗନ୍ଧମାର୍ଦ୍ଦନ, ମାଙ୍କଡ଼ନଚା, ବଉଳା ଓ ଖଣ୍ଡାଧାର ପ୍ରଭୃତି ପର୍ବତ ମଣ୍ଡିତ ହୋଇ, ଏହା ଅପରୂପା ହୋଇଉଠିଛି।**

## ଗିରିତୀର୍ଥ ଗୋନାସିକା

କେନ୍ଦୁଝର ସହରର ପୂର୍ବକୁ ପ୍ରାୟ ପ୍ରାୟ ତେଇଶ କିଲୋମିଟର ଦୂରରେ ରହିଛି ବାୟାପଣ୍ଡାଦାର ଗ୍ରାମ। ସେଠାରୁ ପ୍ରାୟ ଦଶ କିଲୋମିଟର ଦୂରରେ ରହିଛି ଗୋନାସିକା ପର୍ବତ। ଭୂମିରୁ ଏହାର ଶିଖରକୁ ଉଚ୍ଚତା ପ୍ରାୟ ତିନି ହଜାର ଦୁଇଶହ ଊଣେଇଶ (୩୨୧୯) ଫୁଟ୍। ଏହି ପର୍ବତରୁ ପୁଣ୍ୟତୋୟା ବୈତରଣୀଙ୍କ ଜନ୍ମ ହୋଇଥିବାରୁ ଏହା ଅତ୍ୟନ୍ତ ପୁଣ୍ୟପ୍ରଦ। ଏଠାରେ ବ୍ରହ୍ମାଙ୍କ ଦ୍ୱାରା ସ୍ଥାପିତ ବ୍ରହ୍ମକୁଣ୍ଡ ରହିଛି। ଏହି ବ୍ରହ୍ମକୁଣ୍ଡର ଜଳ ପାପନାଶକ ଓ ଅଶେଷ ପୁଣ୍ୟଦାୟକ ବୋଲି ପ୍ରଚଳିତ ଲୋକ ବିଶ୍ୱାସ। ଏହାଛଡ଼ା ଏହା ନିକଟରେ ବ୍ରହ୍ମାଙ୍କ ଦ୍ୱାରା ସ୍ଥାପିତ ମହାଦେବଙ୍କ ଲିଙ୍ଗ ବିରାଜିତ। ତେଣୁ ଗୋନାସିକା ଗିରିତୀର୍ଥ ଭାବରେ ବିଦିତ।





ବୈତରଣୀଙ୍କର ଧରାବତରଣ ସମ୍ପର୍କରେ ବହୁ କାହାଣୀ ଶୁଣାଯାଇଥାଏ। ତେବେ ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ କବି ନୀଳକଣ୍ଠ ତାଙ୍କର 'ଭଞ୍ଜମହୋଦୟମ୍' ଶୀର୍ଷକ ସଂସ୍କୃତ ନାଟିକାରେ ଏକ ସୁନ୍ଦର ଆଖ୍ୟାୟିକାର ଅବତାରଣା କରିଛନ୍ତି। କବି ନୀଳକଣ୍ଠଙ୍କ ବର୍ଣ୍ଣିତ କାହାଣୀଟି ହେଲା – "ଜଗତର କଲ୍ୟାଣ ପାଇଁ ବ୍ରହ୍ମା ଏକଦା ଯଜ୍ଞପୁର (ଯାଜପୁର) ଠାରେ ଯଜ୍ଞ ଆରମ୍ଭ କଲେ। ସମସ୍ତ ଦେବଦେବୀଙ୍କ ସହିତ ପତିତ ପାବନୀ ଗଙ୍ଗାଙ୍କୁ ମଧ୍ୟ ଏଥିରେ ଯୋଗ ଦେବା ପାଇଁ ଅନୁରୋଧ କରାଯାଇଥିଲା। ଗଙ୍ଗା ଯଜ୍ଞ ସମୟ ପଚାରିବାରୁ ବ୍ରହ୍ମା ବାଦ୍ୟ ନାଦ ସମୟ ହିଁ ଯଜ୍ଞ ସମୟ ବୋଲି ପ୍ରକାଶ କରିଥିଲେ। କିଛି ସମୟ ପରେ ଜୁଆଙ୍ଗଙ୍କ ନୃତ୍ୟ ଚପଳ ବାଦ୍ୟ ଧ୍ୱନି ଶୁଣି ଗଙ୍ଗା ଯଜ୍ଞ ସମୟ ହୋଇଗଲା ବୋଲି ଭାବି ଗୋନାସିକା ପର୍ବତ ଦେଇ ମର୍ତ୍ତ୍ୟକୁ ଅବତରଣ କରିଥିଲେ। ହଠାତ୍ ପର୍ବତ ଗାତ୍ରରୁ ଜଳ ନିର୍ଗତ ହେବାରୁ ଜୁଆଙ୍ଗମାନେ ଜଳ ସ୍ରୋତକୁ ଅବରୋଧ କରିବାକୁ ଏହାର ଉଦ୍‌ଗମ ସ୍ଥାନରେ ଏକ ଗୋମସ୍ତକ ସ୍ଥାପନ କରିଥିଲେ। ଗୋମସ୍ତକ ସଂସ୍ପର୍ଶରେ ଆସି ଗଙ୍ଗା ଅପବିତ୍ରା ହୋଇଯିବାରୁ ରାଗିଯାଇ ପାତାଳୀ ହେଲେ। ତେଣୁ ଗଙ୍ଗାଙ୍କୁ ତୁଷ୍ଟ କରିବାକୁ ବ୍ରହ୍ମା ମରାଳ ବାହନରେ ଆସି ଚମ୍ପକ ବୃକ୍ଷ ପରିବୃତ୍ତ ସ୍ଥାନରେ ଏକ କୁଣ୍ଡ ସ୍ଥାପନ କରି ଯଜ୍ଞ କଲେ। ତାହା ବ୍ରହ୍ମକୁଣ୍ଡ ନାମରେ ପରିଚିତ। ସେହି କୁଣ୍ଡରୁ ବୈତରଣୀ ପୁନର୍ବାର ଆବିର୍ଭୂତା ହେଲେ।"

ପୁରାଣ ପ୍ରସିଦ୍ଧ ଏହି ପର୍ବତରେ ଶାଳ, ପିଆଶାଳ, ଅସନ, ଶିଶୁ, ମହୁଲ, ଧଉରା, ଜାମୁ, ଚାର, ଭାଲିଆ ଓ କେନ୍ଦୁଭଳି ବହୁ ଉପକାରୀ ବୃକ୍ଷ ରହିଛି। ଏହା ଛଡ଼ା ଏହି ପର୍ବତରେ ହରିଣ, ସମ୍ବର, କୁଟୁରା, ହନୁ, ପାତି, କଲରାପତ୍ରିଆ ବାଘ, ହାତୀ ସହିତ ଶୁଆ, ଶାରୀ, କୋଚିଲାଖାଇ, ମୟୂର ଭଳି ପକ୍ଷୀ ରହିଛନ୍ତି। ସେହିପରି ଅଜଗର, ଅହିରାଜ, ଗୋଖର, ଗୋଧି ଭଳି ସରୀସୃପ ମଧ୍ୟ ଦେଖା ଯାଇଥାନ୍ତି।



## ଲୋକକଥାରେ ଗୋନାସିକା

ଗୋନାସିକା ପର୍ବତର ଉତ୍ପତ୍ତି ସମ୍ପର୍କରେ ଏକ ରୋଚକ କାହାଣୀ ଆମର ଶ୍ରୁତିଗୋଚର ହୋଇଥାଏ। ଲୋକରତ୍ନ ଡକ୍ଟର୍ କୁଞ୍ଜ ବିହାରୀ ଦାଶଙ୍କର 'ଲୋକଗଳ୍ପ ସଞ୍ଚୟନ'ପୁସ୍ତକରେ ସ୍ଥାନିତ କାହାଣୀଟି ହେଉଛି – "କପିଳା ଗାଈର ଝିଅ ନାଆଁ ବଉଳା। ଥରେ ସେ ମହାଦେବଙ୍କ କୁଶବିଡ଼ା ଖାଇ ଦେବାରୁ ମହାଦେବ ରାଗିଯାଇ ତା' ବେକ କାଟି ପକେଇଲେ। ତାଙ୍କୁ ଗୋହତ୍ୟା ପାପ ଲାଗିଲା। ବଉଳାର ମୁଣ୍ଡଟି ଆଉ ତାଙ୍କ ହାତରୁ ଖସିଲା ନାହିଁ। ଶିବ ସେହି ହାତଟିକୁ ଟେକି ବାର ବର୍ଷ କାଳ ତପସ୍ୟା କଲେ। ତା'ପରେ ମୁଣ୍ଡଟି ତାଙ୍କ ହାତରୁ ଖସି ପଡ଼ିଲା। ଗୋରୁ ମୁଣ୍ଡଟି ଯେଉଁଠାରେ ପଡ଼ିଲା ତା'ର ନାମ ହେଲା ଗୋନାସିକା ପର୍ବତ।"

ଗୋନାସିକା ନନ୍ଦିନୀ ବୈତରଣୀ ପତିତ ପାବନୀ ଗଙ୍ଗାଙ୍କଠାରୁ ମଧ୍ୟ ବୟସରେ ବାର ବ୍ରହ୍ମବର୍ଷ ବଡ଼। ତେଣୁ ଏହା ବୃଦ୍ଧା ଗଙ୍ଗା ବା ବୁଢ଼ୀ ଗଙ୍ଗା ନାମରେ ସୁବିଦିତା।


## ଗୁପ୍ତବୁଟି ନିକେତନ : ଗନ୍ଧମାର୍ଦ୍ଦନ

କେନ୍ଦୁଝର ସହରର ପୂର୍ବକୁ ପ୍ରାୟ ୧୩ କିଲୋମିଟର ଗଲେ ପଡ଼େ ଶୁଆକାଟି ଗ୍ରାମ। ଏହାର ଅନତିଦୂରରେ ରହିଛି ଗନ୍ଧମାର୍ଦ୍ଦନ ପର୍ବତ। ଭୂମିରୁ ଶିଖର ପର୍ଯ୍ୟନ୍ତ ଏହାର ଉଚ୍ଚତା ପ୍ରାୟ ତିନି ହଜାର ଚାରିଶହ ସତଚାଳିଶ ଫୁଟ୍। ପୁରାଣ ପ୍ରସିଦ୍ଧ ଏହି ପର୍ବତ ରାମାୟଣ ସହିତ ସମ୍ପର୍କିତ। ରାମ-ରାବଣ ଯୁଦ୍ଧ ସମୟରେ ଆଘାତ ପାଇ ଲକ୍ଷ୍ମଣଙ୍କ ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିଥିଲା। ବୈଦ୍ୟ ସୁବିସେଣଙ୍କ ପରାମର୍ଶ କ୍ରମେ ହନୁମାନ ବିଶଲ୍ୟକରଣୀ ସନ୍ଧାନରେ ଆସି ଗନ୍ଧମାର୍ଦ୍ଦନ ପର୍ବତକୁ ନେବା କଥା ସମସ୍ତେ ଜାଣନ୍ତି। ଏଥିରେ ଯେ କେବଳ ଲକ୍ଷ୍ମଣଙ୍କ ଆରୋଗ୍ୟର ଔଷଧ ରହିଥିଲା ତାହା ନୁହେଁ, ଦୁରାରୋଗ୍ୟ କୁଷ୍ଠ ରୋଗନାଶକ ଦୁର୍ଲ୍ଲଭ ଭ୍ରମରମାରି ବୃକ୍ଷ ସମେତ ବହୁ ଔଷଧୀୟ ବୃକ୍ଷ ମଧ୍ୟ ଏହି ପର୍ବତରେ ରହିଛି। ତେଣୁ ଏହାକୁ ଗୁପ୍ତବୁଟି ନିକେତନ ବୋଲି କୁହାଯାଏ। ଏହି ପର୍ବତରେ ଲୌହ, ମାଙ୍ଗାନିଜ, ବକ୍ସାଇଟ୍ ଭଳି ଦୁର୍ମୂଲ୍ୟ ଖଣିଜ ସଂପଦ ସହିତ ବହୁ ଔଷଧୀୟ ବୃକ୍ଷ ସମେତ ଶାଳ, ପିଆଶାଳ, ଅସନ, କୁରୁମ, ଶିଶୁ, ଜାମୁ, ଆମ୍ବ ଭଳି ଉପଯୋଗୀ ବୃକ୍ଷ ମଧ୍ୟ ରହିଛି। ଏହାଛଡ଼ା ହାତୀ, ଭାଲୁ, ହରିଣ, ସମ୍ବର, ବରାହ, କୁଟୁରା ପ୍ରଭୃତି ପଶୁ ଓ ମୟୂର, ଶୁଆ, ଶାରୀ, କୋଚିଲାଖାଇ, କୋଇଲି, ହଳଦୀବସନ୍ତ ଭଳି ପକ୍ଷୀ ରହିଛନ୍ତି। ଏହାଛଡ଼ା ଏଠାରେ ଅହିରାଜ, ଅଜଗର, ଗୋଖର ଭଳି ସରୀସୃପ ମଧ୍ୟ ଦେଖା ଯାଆନ୍ତି।

ସୁଷମାମୟୀ କେନ୍ଦୁଝରର ଏହା ସାମାନ୍ୟ ଆଭାସ ମାତ୍ର। ଏହି ଜିଲ୍ଲାରେ ଆହୁରି ଏଭଳି ଅନେକ ପାହାଡ଼ ରହିଛି। ଏହି କ୍ଷୁଦ୍ର ଆଲୋଚନାରେ ସବୁ ପାହାଡ଼ ବିଷୟରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ। ତେବେ ଏହାର ପୂର୍ଣ୍ଣରୂପ ପ୍ରକଟିତ ହେଲେ ପାଠକେ ମୁଗ୍ଧ ଚକିତ ହେବେ ନିଶ୍ଚୟ। ■



ମଣ୍ଡୁଆ, କେନ୍ଦୁଝର ଗଡ଼
ମୋ: ୯୪୩୭୭୫୨୩୯୫



# ଅନୁଗୋଳର ସୌନ୍ଦର୍ଯ୍ୟମୟ ପାହାଡ଼

ଅନୁଗୋଳ ଜିଲ୍ଲାରେ ରହିଛି କେତେକ ଛୋଟ ବଡ଼ ପାହାଡ଼ । ସେଥିମଧ୍ୟରୁ ମନ୍ଦରଗିରି, ପଞ୍ଚଧାରା, ମାଲ୍ୟଗିରି ପାହାଡ଼ ଆଦି ଅନ୍ୟତମ । ଏହି ଜିଲ୍ଲାରେ ଥିବା ପାହାଡ଼ଗୁଡ଼ିକରେ ଅନେକ ଜୈବବିବିଧତା ରହିଛି । ଏହା ଉପରେ ନିର୍ଭର କରି ଅନେକେ ଜୀବିକାର୍ଜନ ମଧ୍ୟ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ଅନୁଗୁଳ ଜିଲ୍ଲାର କେତୋଟି ପ୍ରମୁଖ ପାହାଡ଼କୁ ନେଇ ଏଇ ସ୍ୱତନ୍ତ୍ର ଉପସ୍ଥାପନା ।

**ସଂଗ୍ରାମ ଦାସ, ଅନୁଗୋଳ**

## ମନ୍ଦରଗିରି ପାହାଡ଼

ଅନୁଗୋଳ ସଦର ମହକୁମାଠାରୁ ୬/୭କିମି ଦୂରତାରେ ଦକ୍ଷିଣ ପଶ୍ଚିମ ଭାଗରେ ଅବସ୍ଥିତ ମନ୍ଦରଗିରି ପାହାଡ଼। ଏହି ପାହାଡ଼ଟି ୫୮୬ ହେକ୍ଟର ଏରିଆ ଓ ସମୁଦ୍ର ପତ୍ତନଠାରୁ ୪୨୦ ମିଟର ଉଚ୍ଚତାରେ ଅବସ୍ଥିତ। ଏହାର ଉତ୍ତରରେ ଜାତୀୟ ରାଜପଥ ୫୫ ଓ ପୂର୍ବରେ ଅନୁଗୋଳ - ବନ୍ତଲା ରାସ୍ତା, ପଶ୍ଚିମ ଓ ଦକ୍ଷିଣରେ ବଡ଼କେରା, ବନ୍ତଲା – ଆଠଗଡ଼ ରାସ୍ତା ଯାଇଛି। ଚନ୍ଦ୍ରବାହାଲ, ମୂଷାପାପୁଲି, ତୁମୁଣି, ଶ୍ୟାମସୁନ୍ଦରପୁର ଆଦି ଗାଁଗୁଡ଼ିକ ଚତୁଃପାର୍ଶ୍ୱରେ ଅବସ୍ଥିତ। ପାଦଦେଶରେ ଅନେକ ମଠ ମନ୍ଦିର ଅଛି। ପାହାଡ଼ର ପାଦଦେଶରେ ଏକ ଭବ୍ୟ ରାମ ମନ୍ଦିର ଅଛି। ପାହାଡ଼ ଉପରେ ଅନନ୍ତ ନାରାୟଣଙ୍କ ମୂର୍ତ୍ତି ପୂଜା ପାଉଛି। ଗୋଟିଏ ଗୁମ୍ଫା ରହିଛି ପାହାଡ଼ ଉପରେ। ପୋଲିସ ବିଭାଗର ରେଡିଓ ଷ୍ଟେସନ୍ ରହିଛି ପାହାଡ଼ର ଉପରେ। ପାହାଡ଼ ଉପରୁ ଡେରେଜାଙ୍ଗ ଜଳଭଣ୍ଡାରର ଦୃଶ୍ୟ ଅତ୍ୟନ୍ତ ମନୋରମ। ପାହାଡ଼ ଉପରେ ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତର ଦୃଶ୍ୟ ବେଶ୍ ସୁନ୍ଦର। ପାହାଡ଼ରେ ଅନେକ ବଡ଼ ବୃକ୍ଷଲତା, ପୁଷ୍ପରାଜି, ଦୁର୍ଲଭ ପ୍ରଜାତିର ଔଷଧୀୟ ବୃକ୍ଷରାଜି ରହିଛି। ହାତୀ, ହରିଣ, କୁଟୁରା, ବାର୍‌ହା ଆଦି ଅନେକ ପ୍ରକାରର ଜୀବଜନ୍ତୁ ଓ ସରୀସୃପ ରହିଛନ୍ତି ଏହି ପାହାଡ଼ରେ। ମାଘ ପୂର୍ଣ୍ଣିମାରେ ଏକ ବଡ଼ ମେଳା ଅନୁଷ୍ଠିତ ହୁଏ ଏହି ପାହାଡ଼ ଉପରେ।





## ପୁରାଣ ପ୍ରସିଦ୍ଧ ଗିରି ପଞ୍ଚଧାରା

ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ସଦର ମହକୁମାଠାରୁ ଜାତୀୟ ରାଜପଥ ୫୫ ନମ୍ବର ଆଡ଼କୁ ୮ କିଲୋମିଟର ପରେ ପୁରାଣ ପ୍ରସିଦ୍ଧ 'ପଞ୍ଚଧାରା' ପର୍ବତ । ଆଠମଲ୍ଲିକର ଏହି ପଞ୍ଚଧାରା ପର୍ବତ ଶ୍ରେଣୀ ଏକ ଈଶ୍ୱରଦତ୍ତ ତୋରଣ ଭଳି ଦଣ୍ଡାୟମାନ । ଓଡ଼ିଶା ବନବିଭାଗର ଏହା ପ୍ରାକୃତିକ ବିଭବ । ଏହାର ଅନନ୍ତ ବୈଚିତ୍ର୍ୟମୟୀ, ଲୀଳାୟିତ, ତରଙ୍ଗାୟିତ ଭଙ୍ଗୀ ଯୁଗେ ଯୁଗେ କବି, ଭାବୁକ, ଆଗନ୍ତୁକ ଓ ପର୍ଯ୍ୟଟକମାନଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ନୈସର୍ଗିକ, ସୌନ୍ଦର୍ଯ୍ୟ ବିମଣ୍ଡିନୀ ପଞ୍ଚଧାରା ୫ ଟି 'ଧାର'ର ସମଷ୍ଟିକୁ ନେଇ ଗଠିତ। 'ବଡ଼ଝର', 'ମୂଳଝର', 'ନେକୁଡ଼ିଆ ଝର', 'ବଦ୍ରିଝର' ଓ 'ଚଣାଗଡ଼ିଆ ଝର' ଏଭଳି ପାଞ୍ଚଟି ଧାରର ମିଶ୍ରଣରେ ହୋଇଛି ପଞ୍ଚଧାରା । ସମୁଦ୍ର ପତ୍ତନଠାରୁ ୭୬୦ ମିଟର ଉଚ୍ଚରେ ଅବସ୍ଥିତ ଏହି ପଞ୍ଚଧାରା ପର୍ବତମାଳାର ଦୈର୍ଘ୍ୟ ପ୍ରାୟ ୫୫ କିଲୋମିଟର,ପ୍ରସ୍ଥ ସ୍ଥଳ ବିଶେଷରେ ୯ କିଲୋମିଟରରୁ ୧୨ କିଲୋମିଟର ମଧ୍ୟରେ ଅବସ୍ଥିତ । ଏହାର ଉଚ୍ଚତା ୩୦୦୦ ଫୁଟ୍ ଅଟେ । ଆଠମଲ୍ଲିକ ବ୍ଲକ୍ ନୂଆଗାଁଠାରୁ କଇଁତ୍ରାଗଡ଼ ପର୍ଯ୍ୟନ୍ତ ଉକ୍ତ ପର୍ବତଶ୍ରେଣୀ ମହାନଦୀ କୂଳରେ ୫ରୁ ୬ ମାଇଲ ଦୂରରେ ଅବସ୍ଥିତ । ଏହା କ୍ରମେ ପୂର୍ବକୁ ନିକଟରୁ ନିକଟତର ହୋଇ ମା' ବିନିକେୟୀ ପୀଠଠାରେ ମହାନଦୀ କୂଳଦେଶରେ ମୁଣ୍ଡଟେକି ଠିଆ ହୋଇଛି । ଦକ୍ଷିଣପୂର୍ବ ଓ ଉତ୍ତର ପଶ୍ଚିମ ଆଡ଼କୁ ବିସ୍ତାରିତ ଏହି ପର୍ବତମାଳାର ପରିସର 'ହାତୀଧରା' ଓ 'ତଲେଇପଥର' ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବିଦ୍ୟମାନ । ହାତୀଧରା ସଂରକ୍ଷିତ ଜଙ୍ଗଲରେ ଅବସ୍ଥିତ ପଞ୍ଚଧାରା ଶୃଙ୍ଗ ୯୮୭ ମିଟର ଓ ତଲେଇପଥର ସଂରକ୍ଷିତ ଜଙ୍ଗଲରେ ହିଙ୍ଗମଣ୍ଡଳ ଶୃଙ୍ଗ ପ୍ରାୟ ୯୮୬ ମିଟର ଉଚ୍ଚ ।



## ପ୍ରକୃତିପ୍ରେମୀଙ୍କ ଆକର୍ଷଣ

ପଞ୍ଚଧାରା କୋଳରେ 'କେତକୀଝର', 'ତଲେଇପଥର', 'ଝିମେଇଚୁଆ' ଓ 'କୁଟୁଗାଁ ଖୋଲ' ପ୍ରଭୃତି ମନୋରମ ସ୍ଥାନ ଅବସ୍ଥିତ । ଏକଦା ଏହା ସାଧୁ, ସନ୍ନ୍ୟାସୀ, ମହାପୁରୁଷ ଓ ସାଧକମାନଙ୍କ ତପୋବନ ଭାବରେ ବିଦିତ ଥିଲା । ପଞ୍ଚଧାରାର ପଶ୍ଚିମକୁ ବାରିଣୀ ସଂରକ୍ଷିତ ଜଙ୍ଗଲ ଅବସ୍ଥିତ । ଏହାର ଉଚ୍ଚତମ ଶୃଙ୍ଗର ଉଚ୍ଚତା ୪୬୦ ମିଟର ଅଟେ । 'ଦନ୍ତୁରୀଖୋଲ', 'କୁତୁଲସିଙ୍ଗା', 'ଧୂଣ୍ଡି', 'ନବିଙ୍ଗ', 'ଖୋଲ ଡଙ୍ଗୀଆଣୀ', 'କଦଳୀମୁଣ୍ଡା' ଇତ୍ୟାଦି ଶୃଙ୍ଗଗୁଡ଼ିକ ପଞ୍ଚଧାରା ପର୍ବତଶ୍ରେଣୀର ଗୋଟିଏ ଗୋଟିଏ ସମ୍ପ୍ରସାରିତ ଅଂଶଭାବେ ଏହାର ସୌନ୍ଦର୍ଯ୍ୟ ବୃଦ୍ଧି କରୁଛି । ଏତଦ୍ ବ୍ୟତୀତ ରେଢ଼ାଖୋଲକୁ ଲାଗି ଯେଉଁ ପର୍ବତଗୁଡ଼ିକ ଅଛି, ସେଗୁଡ଼ିକ ହେଉଛି 'ବିନ୍ଧ୍ୟବାସିନୀ' ଓ 'ଗୁଜା' । ପଞ୍ଚଧାରା ପର୍ବତର ପାଦଦେଶରେ ଥିବା ଜଙ୍ଗଲରେ ହାତୀ, କଲରାପତରିଆ ବାଘ, ହରିଣ, ବାର୍‌ହା, କୁଟୁରା, ଝିଙ୍କ, ମାଙ୍କଡ଼ ଆଦି ବନ୍ୟଜନ୍ତୁ ଓ ବିଭିନ୍ନ ପ୍ରକାର ସରୀସୃପ ରହିଛନ୍ତି । ବିଭିନ୍ନ ସମୟରେ ହାତୀପଲ ଗ୍ରାମାଭିମୁଖୀ ହୋଇ ଲୋକଙ୍କ ଫସଲ ନଷ୍ଟ କରିବାସହ ଜୀବନହାନି କରିବାର ଦେଖାଯାଇଥାଏ । ପଞ୍ଚଧାରା ପର୍ବତର ଜୈବ ବିବିଧତା ଓ ଏଠାରେ ବର୍ଷତମାମ ଦେଖିବାକୁ ମିଳୁଥିବା ସବୁଜ ବନାନୀ, ପକ୍ଷୀର କାକଳୀ, ଝରଣାର କୁଳୁକୁଳୁ ନାଦ, ବିଭିନ୍ନ ସମୟରେ ଦେଖାଯାଉଥିବା ବନ୍ୟଜନ୍ତୁ ପ୍ରକୃତି ପ୍ରେମୀଙ୍କ ମନରେ ଅନେକ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିଥାଏ ।





## ମାଲ୍ୟଗିରି ପର୍ବତ

ଅନୁଗୋଳ ଜିଲ୍ଲାର ଆଉ ଏକ ପ୍ରସିଦ୍ଧ ପାହାଡ଼ ହେଉଛି ମାଲ୍ୟଗିରି । ଏହି ପର୍ବତଟି ପାଲଲହଡ଼ା ସଦର ମହକୁମାଠାରୁ ଦୁଇ କିଲୋମିଟର ଦୂରରେ ଅବସ୍ଥିତ । ଏହାର ଉଚ୍ଚତା ୧୧୯୦ ମିଟର । ଲମ୍ବ ୩୯୦୦ ଫୁଟ୍ । ଚଉଡ଼ା ପ୍ରାୟ ୫ କିଲୋମିଟର । ଏହି ପର୍ବତ ଗଡ଼ଜାତ ରେଞ୍ଜରେ ଅବସ୍ଥିତ । ମାଲ୍ୟଗିରିରେ ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛଲତା ରହିଛି । ଏଠାରେ ଜୁଆଙ୍ଗ, ଶବର, ହୋ, କୁଲ୍‌ହା ଆଦି ଜାତି ଜନଜାତିର ଲୋକେ ବସବାସ କରନ୍ତି । ■



ସୁନ୍ଦରଗଡ଼ ଜିଲ୍ଲା ହେଉଛି ପାହାଡ଼ ପର୍ବତ, ସବୁଜ ବନାନୀ ଭରା ଏକ ଜିଲ୍ଲା । ପ୍ରକୃତିରାଣୀ ତା'ର କୋଳରେ ଅପରୂପ ସୌନ୍ଦର୍ଯ୍ୟର ଉପମାକୁ ସଜେଇ ଦେଇଛି ପାହାଡ଼, ପର୍ବତ, ଝରଣା ଏବଂ ସୁଉଚ୍ଚ ଜଳପ୍ରପାତ ରୂପରେ । ଏଠାରେ ରହିଛି ବହୁ ସୌନ୍ଦର୍ଯ୍ୟମୟ ସ୍ଥାନ । ରାଜ୍ୟ ପର୍ଯ୍ୟଟନ ମାନଚିତ୍ରରେ ପର୍ଯ୍ୟଟନ ସ୍ଥଳୀ ଭାବେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଥିବା ସୁନ୍ଦରଗଡ଼ ଜିଲ୍ଲାର ଖଣ୍ଡାଧାର ପାହାଡ଼ ଓ ଟେନ୍‌ସା ପାହାଡ଼ ଅନ୍ୟତମ । ଏହି ଦୁଇଟି ପାହାଡ଼ର ବିଶେଷତ୍ୱକୁ ନେଇ ଏଇ ସ୍ୱତନ୍ତ୍ର ରିପୋର୍ଟ ।

**ଦେବବ୍ରତ ପଟ୍ଟନାୟକ**, ରାଉରକେଲା

# ସୁନ୍ଦରଗଡ଼ର ଆକର୍ଷଣ ଖଣ୍ଡାଧାର

## ଖଣ୍ଡାଧାର ପାହାଡ଼ରେ ମନଲୋଭା ଜଳପ୍ରପାତ

ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ ଜିଲ୍ଲାର ପ୍ରମୁଖ ପରିଚୟ ହେଉଛି ବଣ, ପାହାଡ଼, ପର୍ବତ ଘେରାରେ ପରିପୂର୍ଣ୍ଣ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ । ଏହାର ମନଲୋଭା ନଦନଦୀ, ଜଳପ୍ରପାତ, ଇକୋ ଟୁରିଜିମ୍ ରାଜ୍ୟ ତଥା ରାଜ୍ୟ ବାହାରର ହଜାର ହଜାର ପର୍ଯ୍ୟଟକଙ୍କୁ ଆକର୍ଷିତ କରିଥାଏ । ଓଡ଼ିଶାର ଦ୍ୱିତୀୟ ଉଚ୍ଚତମ ତଥା ଭାରତର ନବମ ଉଚ୍ଚତମ ଜଳପ୍ରପାତ ସୁନ୍ଦରଗଡ଼ ଜିଲ୍ଲାର ବଣାଇଁ ଉପଖଣ୍ଡରେ ଅବସ୍ଥିତ ପ୍ରସିଦ୍ଧ ଖଣ୍ଡାଧାର ଜଳପ୍ରପାତ । ପର୍ଯ୍ୟଟକଙ୍କ ମନରେ ଏହା ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି । ଓଡ଼ିଶାର ସର୍ବୋଚ୍ଚ ଜଳପ୍ରପାତ ମୟୂରଭଞ୍ଜର ବରେହିପାଣି ଜଳପ୍ରପାତ ପରେ ଖଣ୍ଡାଧାର ହେଉଛି ଦ୍ୱିତୀୟ ବୃହତ୍ତମ ଜଳପ୍ରପାତ । ଏହାର ଉଚ୍ଚତା ହାରାହାରି ୮୦୧ ଫୁଟ୍ ଅର୍ଥାତ୍ ୨୪୪ ମିଟର । ରାଉରକେଲାରୁ ୯୦ କିଲୋମିଟର ଏବଂ କେନ୍ଦୁଝରରୁ ୧୩୨ କିଲୋମିଟର ଦୂରରେ ଏହା ଅବସ୍ଥିତ । ୮୦୧ ମିଟର ଉଚ୍ଚ ଖଣ୍ଡାଧାର ପାହାଡ଼ ଉପରୁ କୋରାପାଣି ଝରଣା ଝରି ଆସୁଛି ଏହି ଜଳପ୍ରପାତରେ । ଏହି ଜଳପ୍ରପାତ ବର୍ଷ ତମାମ ଚିରସ୍ରୋତା ହୋଇଥିବା ବେଳେ ସୂର୍ଯ୍ୟାସ୍ତ ବେଳର ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥାଏ । ନିଜର ଅବସର ତଥା କ୍ଲାନ୍ତ ସମୟ ଅତିକ୍ରାନ୍ତ କରିବାକୁ ଜିଲ୍ଲା ତଥା ବାହାରୁ ଦୈନିକ ଶହ ଶହ ପର୍ଯ୍ୟଟକ ଏଠାକୁ ଆସି ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ସନ୍ଦର୍ଶନ କରିବା ସହ ନିଜ ପରିବାର ସହ ସମୟ ଅତିବାହିତ କରିଥାନ୍ତି । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ହାସଲ କରିବା ପରେ ଗତ ୬ ବର୍ଷରୁ ଊର୍ଦ୍ଧ୍ୱ ହେବ, ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ବଣାଇଁ ବନବିଭାଗ ପକ୍ଷରୁ ମିଳିତ ଭାବେ ଏହି ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀକୁ କ୍ରମାଗତ ଭାବେ ବିକଶିତ କରାଯାଉଛି । ଯାହା ଫଳରେ ବର୍ତ୍ତମାନ ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ଏହା ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବରେ ପରିଚିତ ହୋଇସାରିଛି । ପ୍ରତ୍ୟେକ ଦିନ ଓଡ଼ିଶା ସମେତ ରାଜ୍ୟ ବାହାରୁ ଏଠାକୁ ବହୁସଂଖ୍ୟାରେ ପର୍ଯ୍ୟଟକଙ୍କ ଆଗମନ ଦେଖିବାକୁ ମିଳୁଛି । ପ୍ରାକୃତିକ ପରିବେଶ ମଧ୍ୟରେ ୧୦ଟି ଆରାମଦାୟକ କଟେଜ୍ ଓ ୪ଟି ନୂତନ ପ୍ରକୋଷ୍ଠରେ ରାତ୍ରିଯାପନ କରିବା ସହ ଅତ୍ୟାଧୁନିକ ଡାଇନିଂ ହଲ୍‌ରେ ସୁସ୍ୱାଦୁ ଖାଦ୍ୟର ମଜା ନେଉଛନ୍ତି ପର୍ଯ୍ୟଟକ । ଦିନରାତି ପଶୁପକ୍ଷୀଙ୍କ କଳବର ଲୋକଙ୍କୁ ବେଶ୍ ଆମୋଦିତ କରୁଛି । ଜଳପ୍ରପାତର ପାଦଦେଶରେ ରହିଛି ଶିଶୁ ଉଦ୍ୟାନ, ପାର୍କ, ତା' ସହିତ ବଣ ଭୋଜି ନିମନ୍ତେ ନିର୍ମିତ ବଡ଼ ବଡ଼ ବୃକ୍ଷ ତଳେ ପିଣ୍ଡିର ବ୍ୟବସ୍ଥା । ପାହାଡ଼ ତଳେ ଘଞ୍ଚ ଜଙ୍ଗଲରେ ଝରଣାର କୁଳୁକୁଳୁ ନାଦ, ଅପାସୋରା ସୌନ୍ଦର୍ଯ୍ୟଭରା ଦୃଶ୍ୟରେ ବିଭୋର ହେଉଛନ୍ତି ପର୍ଯ୍ୟଟକ । ସବୁଜ ବନାନୀ ଓ ଶୀତ ଦିନର ମନୋରମ ପ୍ରାକୃତିକ ଶୋଭା ହିଁ ଖଣ୍ଡାଧାରର ବିଶେଷତ୍ୱ ।

### ଔଷଧୀୟ ଗଛଲତା

ଖଣ୍ଡାଧାରଜଳପ୍ରପାତସହିତସ୍ଥାନୀୟଆଦିବାସୀମାନଙ୍କ ସମ୍ପର୍କ ବେଶ୍ ନିବିଡ଼ । କାରଣ ଏହି ଖଣ୍ଡାଧାର ପାହାଡ଼ର ଆଉ ଏକ ବିଶେଷତ୍ୱ ହେଉଛି ଏହି ପାହାଡ଼ରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷଲତା ଭରପୂର ରହିଥିଲା । ଏଠାରେ ବସବାସ କରୁଥିବା ପାଉଡ଼ି ଭୂୟାଁ ଜନଜାତିର ଆଦିବାସୀମାନେ ଏକଦା ବଂଶାନୁକ୍ରମେ ଏହି ପାହାଡ଼ରୁ ଔଷଧୀୟ ଜଡ଼ିବୁଟି, ଚେରମୂଳି ସଂଗ୍ରହ କରି ବିଭିନ୍ନ ହାଟବଜାରରେ ବିକ୍ରି କରି ଗୁଜୁରାଣ ମେଣ୍ଟାଉଥିଲେ । ଏବେ କିନ୍ତୁ ବିଭିନ୍ନ ଖଣି ଖନନ ଯୋଗୁଁ ଖଣ୍ଡାଧାର ପାହାଡ଼ ତଥା ଜଳପ୍ରପାତ ତା'ର ପୂର୍ବ ସୌନ୍ଦର୍ଯ୍ୟ ପ୍ରଭାବିତ ହୋଇଛି ।



## ଟେନ୍‌ସା ପାହାଡ଼

ସୁନ୍ଦରଗଡ଼ ଜିଲ୍ଲାର ଆଉ ଏକ ପ୍ରମୁଖ ପାହାଡ଼ ହେଉଛି ଟେନ୍‌ସା ପାହାଡ଼ ବା ଟେନ୍‌ସା ଘାଟି । ବଣାଇଁ ବନଖଣ୍ଡରେ ଅବସ୍ଥିତ ଏହି ଟେନ୍‌ସା ଘାଟି ସମୁଦ୍ର ଜଳ ପତ୍ତନଠାରୁ ୩୭୦୦ ମିଟର ଉଚ୍ଚରେ ରହିଛି । ଏହା ରାଉରକେଲାଠାରୁ ୯୩ କିଲୋମିଟର ଦୂରରେ ଅବସ୍ଥିତ । ବନ ପାହାଡ଼ ତଥା ଖଣିଜ ସମ୍ପଦରେ ଭରପୂର ଟେନ୍‌ସା ପାହାଡ଼ରେ ୧୯୬୧ ମସିହାରେ ଖଣି ଖନନ ଆରମ୍ଭ ହେବା ସହ 'ସେଲ୍' ଦ୍ୱାରା ଟେନ୍‌ସା ଟାଉନ୍‌ସିପ୍ ଶୁଭାରମ୍ଭ ହୋଇଥିଲା । ପରେ ଏହାକୁ ଜିନ୍ଦଲ ଷ୍ଟିଲ ଏଣ୍ଡ ପାଓ୍ୱାର୍ ପକ୍ଷରୁ ବିକଶିତ କରାଯାଇଥିଲା ।



ଏବେ ଟେନ୍‌ସାରେ ବ୍ୟାପକ ଖଣି ଖନନ ଯୋଗୁଁ ଏହା ଶ୍ରୀହୀନ ହେବାରେ ଲାଗିଛି । ତେବେ ଟେନ୍‌ସା ନିଜର ପାଣିପାଗ ସହ ଏହାର ଜଳବାୟୁ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି । ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ନିର୍ମାଣ କରିଛନ୍ତି ଏହି କ୍ୟାମ୍ପ । ବାଦଲ ଛୁଆଁ ପାହାଡ଼ ପର୍ବତ ସହ ଏହାର ମନୋରମ ଦୃଶ୍ୟକୁ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଛି । ଏହି କ୍ୟାମ୍ପ୍ ମଧ୍ୟରେ ସୁନ୍ଦର ସୁନ୍ଦର ଫୁଲ ଏବଂ ୱାଟର୍ ଫାଉଣ୍ଟେନ୍ ସହ ରହିଛି ବହୁ ଦୁର୍ଲଭ ଗଛ ବୃକ୍ଷ । ଯାହା ଏହି ନେଚର୍ କ୍ୟାମ୍ପ୍‌ର ସୁନ୍ଦରତାକୁ ଆହୁରି ଦ୍ୱିଗୁଣିତ କରୁଛି ।



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ମିଲର ପ୍ରୀତି, ଚାଷୀଙ୍କ ଇତି

ଚାଷୀଙ୍କ ପାଇଁ ଦିନରାତି ଲୁହ ବୁହାଉଥିବା ପଦ୍ମ ଦଳର ନେତା ଓ ରାଜ୍ୟ ସରକାରଙ୍କ ପ୍ରଗାଢ଼ ଭଲ ପାଇବା ଓଡ଼ିଶାର ଚାଷୀମାନେ ହଜମ କରିପାରୁ ନାହାନ୍ତି। ସରକାର ଓ ଶାସକ ଦଳ ନେତାଙ୍କ ଅତ୍ୟଧିକ ସ୍ନେହ ଆଦର କୁଆଡ଼େ ଚାଷୀଙ୍କ ଦେହରେ ଯାଉନାହିଁ। ଫଳରେ ଦି' ସପ୍ତାହ ମଧ୍ୟରେ ସାରା ରାଇଜରୁ ତିନି ଗଣ୍ଡାରୁ ଅଧିକ ଚାଷୀଙ୍କ ଜୀବନ ଗଲାଣି। ପରଲୋକଗତ ଚାଷୀଙ୍କ ମଧ୍ୟରୁ ଅଧେ ନିଜ ହାତରେ ନିଜ ପ୍ରାଣ ନେଇଛନ୍ତି, ଆଉ କିଛି ହୃଦଘାତର ଶିକାର ହୋଇଛନ୍ତି। ଚାଷୀଙ୍କ ଦୁଃଖ ଶୁଣିବାକୁ ପ୍ରବାସୀ ଉତ୍ସବରେ ମଗ୍ନ ସରକାରଙ୍କୁ ବେଳ ନାହିଁ। ଅନ୍ୟ ବିଭାଗର ମନ୍ତ୍ରୀମାନେ ସିନା କୃଷି ବିଷୟ ସମ୍ପର୍କରେ ଅଜ୍ଞ; ହେଲେ ସରକାରରେ ଦୁଇ ନମ୍ବର ତଥା କୃଷି ବିଭାଗର ହର୍ତ୍ତାକର୍ତ୍ତା ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ବେଦରଦୀ ଭାବ ଚାଷୀଙ୍କୁ କୁଆଡ଼େ ଭାରି କଷ୍ଟ ହୋଇଛି। ଚାଉଳ କଳ ମିଲରମାନଙ୍କ ପ୍ରତି ସେ ଯେତିକି ସମ୍ବେଦନଶୀଳ, ଚାଷୀଙ୍କ ପ୍ରତି ତାହାର କାଣିଚାଏ ବି ସମ୍ବେଦନା ନାହିଁ ବୋଲି ନିନ୍ଦୁକମାନେ କହୁଛନ୍ତି। କେଇଦିନ ତଳେ ଏକ ଚାଉଳ ମିଲ୍ ଉଦ୍‌ଘାଟନ କରିବାକୁ ରାଜଧାନୀରୁ ଶହେ କିଲୋମିଟର ଦୂର ବାଲିକୁଦାକୁ ଯିବା ଲାଗି କନକ ସମୟ ବାହାର କଲେ; ବାଟରେ ଜଗତସିଂହପୁରଠାରେ ଦଳୀୟ କର୍ମୀମାନଙ୍କଠାରୁ ସମ୍ବର୍ଦ୍ଧନା ନେଲେ; ମାତ୍ର ଉଦ୍‌ଘାଟନ କରିବାକୁ ଯାଇଥିବା ଚାଉଳ ମିଲ ଠାରୁ ମାତ୍ର ତିନି କିଲୋମିଟର ଦୂରରେ ଆତ୍ମହତ୍ୟା କରିଥିବା ଚାଷୀ ପରିବାରକୁ ଭେଟି ସାନ୍ତ୍ୱନା ଦେବା ଲାଗି ତାଙ୍କୁ କେଇ ମିନିଟ୍ ସମୟ ମିଳିଲା ନାହିଁ? ଶଙ୍ଖୁଆ ନେତା ସାରଦା ଏଥିପାଇଁ ଗୀତଟିଏ ଲେଖିଛନ୍ତି, ଯାହାର ଶୀର୍ଷକ ହେଉଛି- 'ମିଲର ପ୍ରୀତି, ଚାଷୀଙ୍କ ଇତି'। ■



## ସରକାରଙ୍କୁ ଡର 'ପ୍ରକାଶ' ଇଂରାଜୀ

ବାଲିଯାତ୍ରା ଉତ୍ସବ ସମୟରେ ପଦ୍ମ ଦଳର କଟକ ସଦର ବିଧାୟକ ପ୍ରକାଶଙ୍କ ଇଂରାଜୀ ଭାଷଣ ସାରା ରାଜ୍ୟରେ ଚର୍ଚ୍ଚିତ। ପ୍ରକାଶଙ୍କ ଇଂରାଜୀ ଶୁଣିବାକୁ ଲୋକଙ୍କ ବ୍ୟାକୁଳତା ସାମାଜିକ ଗଣମାଧ୍ୟମରେ ପ୍ରତିଫଳିତ ହୋଇଛି। ନିୟୁତ ନିୟୁତ ଲୋକ ବାରମ୍ବାର ପ୍ରକାଶଙ୍କ ଭାଷଣ ଶୁଣିଛନ୍ତି, ଏହାର ଭାବାର୍ଥ ବୁଝିବାକୁ ମୋଟାମୋଟା ଇଂରାଜୀ ଅଭିଧାନ କିଣିଛନ୍ତି। ମାତ୍ର ପେଜ ଖିଆକୁ ଶାଗ ଖିଆ ସହି ନ ପାରିବା ପରି ସାରା ଦେଶରେ ଇଂରାଜୀ ଭାଷଣ ପାଇଁ ଲୋକପ୍ରିୟ ପ୍ରକାଶଙ୍କୁ ରାଜ୍ୟ ସରକାରଙ୍କ ଜଣେ ଈର୍ଷାଳୁ ଯୁବ ମନ୍ତ୍ରୀ ଓ କିଛି ବଡ଼ ଅଧିକାରୀ ସହି ପାରି ନାହାନ୍ତି। ପ୍ରବାସୀ ସମ୍ମିଳନୀ ସମୟରେ ତୁଣ୍ଡ ନ ଖୋଲିବାକୁ ଏହି ମନ୍ତ୍ରୀ ଓ ଦୁଇଜଣ ବଡ଼ ଅଧିକାରୀ କୁଆଡ଼େ ପ୍ରକାଶଙ୍କୁ ପରାମର୍ଶ ଦେଇଥିବା ଖବର ଗାଡ଼କଣ ଆବର୍ଜନା ଗନ୍ଧ ପରି ସହର ସାରା ସଞ୍ଚରି ଯାଇଛି। ସେଥିପାଇଁ ପ୍ରବାସୀ ଭାରତୀୟ ସମ୍ମିଳନୀ ସମୟରେ ପ୍ରକାଶଙ୍କ ମତାମତ ନେବାକୁ ବୁମ୍‌ଧାରୀମାନେ ଯେତେ ଉଦ୍ୟମ କଲେ ବି ପ୍ରକାଶ ଆଦୌ ତୁଣ୍ଡ ନ ଖୋଲି ଅଳ୍ପ ହସି ବୁମ୍‌କୁ ଏଡ଼ାଇ ଯାଇଥିବା ଦେଖା ଯାଇଛି। 'ଫର୍ଟି' ମୂଲ୍ୟ ବୃଦ୍ଧି ଦାବି କରି ବିଖ୍ୟାତ ହୋଇଥିବା ଆସ୍କାର ବାଲି ପାଢ଼ୀଙ୍କୁ ବୁମ୍ ଆଗରେ କହିବାକୁ ସୁଯୋଗ ଦିଆଗଲା, ମାତ୍ର ବାଲିଯାତ୍ରା ସମ୍ପର୍କରେ ଇଂରାଜୀରେ ସୁଦୀର୍ଘ ଓ ବିସ୍ତୃତ ବ୍ୟାଖ୍ୟାନ କରିଥିବା ପ୍ରକାଶଙ୍କୁ କାହିଁକି ସୁଯୋଗ ଦିଆଗଲା ନାହିଁ ବୋଲି ତାଙ୍କ ପ୍ରଶଂସକ ପ୍ରଶ୍ନ କରିଛନ୍ତି। ମାତ୍ର କଥାଟା ହେଉଛି ପ୍ରକାଶ ଖାଲି ଯୁବକ ନୁହନ୍ତି, ଜଣେ ଉଚ୍ଚ ଶିକ୍ଷିତ ବି। ତାଙ୍କ ପ୍ରସିଦ୍ଧି ବଢ଼ିଲେ ଅନେକ ଅଡୁଆରେ ପଡ଼ିଯିବେ, ସେଇଥିପାଇଁ କୁଆଡ଼େ ତୁଣ୍ଡ ନ ଖୋଲିବାକୁ ତାଙ୍କ ଉପରେ ହୁଲିଆ...! ■



## ଲୋଡ଼ା ପଡ଼ିଲେନି ମେୟର

୧୯୧୫ ଜାନୁଆରୀ ୯ ତାରିଖରେ ମହାତ୍ମା ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଦିନଟିକୁ ସ୍ମରଣୀୟ କରି ରଖିବା ନିମନ୍ତେ ଅଟଳ ବିହାରୀ ବାଜପେୟୀ ସରକାର ୨୦୦୩ ମସିହାରେ ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ମନମୋହନ ସରକାର ସମୟରେ ୨୦୦୫ରୁ ୨୦୧୪ ମସିହା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଏହି ଦିବସ ପାଳନ ହୋଇଥିବାବେଳେ ୨୦୧୫ଠାରୁ ୨୦୨୩ ପର୍ଯ୍ୟନ୍ତ ଅନିୟମିତ ଭାବରେ ପ୍ରବାସୀ ଭାରତୀୟ ଦିବସ ପାଳନ ହେଉଛି। ଏହି ୯ ବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ୪ଥର ଓ ୨୦୨୧ରେ ଆଭାସୀରେ ଏହି ଉତ୍ସବ ଅନୁଷ୍ଠିତ ହୋଇଛି। ଚଳିତ ବର୍ଷ ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ ଓଡ଼ିଶାରେ ପାଳନ କରାଯାଇଛି। ପ୍ରାୟ ୪ ହଜାର ପ୍ରବାସୀ, ରାଜ୍ୟର ବହୁ ଅପ୍ରବାସୀଙ୍କ ସହ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ବହୁ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ, ପ୍ରଶାସନିକ ଅଧିକାରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଶାସକ ଦଳର ବହୁ ସାଂସଦ ଓ ବିଧାୟକ ବି ସମାବେଶରେ ରାଜକୀୟ ଠାଣିରେ ବସିଥିବା ଫଟୋ ସୋସିଆଲ ମିଡ଼ିଆରେ ଦେଖାଯାଉଛି। ହେଲେ ଯେଉଁ ସହରରେ ଏହି ସମ୍ମିଳନୀଟି ମହା ସମାରୋହରେ ଆୟୋଜନ ହେଲା, ସେହି ସହରର ମେୟରଙ୍କୁ ପ୍ରବାସୀମାନେ କେଉଁଠି ଦେଖିଲେ ନାହିଁ। ସମ୍ମିଳନୀ ପୂର୍ବରୁ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରସ୍ତୁତି ବୈଠକରେ ମେୟରଙ୍କୁ କେଉଁଠାରେ ଦେଖିବାକୁ ମିଳି ନ ଥିଲା; ଆଉ ସମ୍ମିଳନୀ କାଳରେ ମଞ୍ଚରେ ବା କୌଣସି ସମାବେଶରେ ମେୟର ବି ଦିଶିଲେ ନାହିଁ। ଏଇଟା ରାଜ-ନୀତି ନା ରାଜ୍ୟ ସରକାରଙ୍କ ରାଜ(!)ମନ୍ୟତା ତାହା ଆମ ମଗଜରେ ପଶୁନାହିଁ...। ■



## କାକଟ ବିଜେପିକୁ 'ବାଇ' କଣ୍ଟା

ମଙ୍ଗଳା ପୀଠ କାକଟପୁରରେ ଏବେ ପଦ୍ମ ଦଳକୁ କଣ୍ଟା ହୋଇଛନ୍ତି ନିମାପଡ଼ା ବାଇଧର। ପୂର୍ବରୁ ଦି' ଦି'ଥର ନିର୍ବାଚିତ ହୋଇଥିବା ବାଇଧରଙ୍କୁ ନିମାପଡ଼ାରୁ ନିର୍ବାସିତ କରି ଦଳ ଶେଷ ମୁହୂର୍ତ୍ତରେ କାକଟପୁର ପଠାଇ ଦେଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମରେ ସମୀର ସ୍ପର୍ଶ ନିମାପଡ଼ା ବିଜେପିକୁ ପଲ୍ଲବିତ କରିଥିବାବେଳେ କାକଟପୁରରେ ଚିତ୍‌ପଟାଙ୍ଗ ମାରିଲେ ବାଇଧର। ମାତ୍ର ଯେଉଁ ପଦ୍ମ ଦଳର ନେତାମାନେ ନିର୍ବାଚନ ବେଳେ ବାଇଧରଙ୍କ ପାଇଁ ଦିନରାତି ଏକ କରି ଦେଇଥିଲେ, ଏବେ ସେଇ ନେତାମାନେ କୁଆଡ଼େ ବାଇଧରଙ୍କ ଅସୂୟାର ଶିକାର ହୋଇ ଖୋଲା ବିଦ୍ରୋହ ଘୋଷଣା କରିଥିବା ଦେଖିବାକୁ ମିଳୁଛି। ଦଳର ପୁରୁଣା କର୍ମୀମାନଙ୍କୁ ଅନାଦର ଓ ହତାଦର କରି ବାଇଧର ନିଜ ପତିଆରା ପାଇଁ ନୂଆ ଗୋଷ୍ଠୀ ଗଢୁଛନ୍ତି, ବାଁ-ଡ଼ାଁ ହାତରେ ନାଁ ଲେଖି ସଦସ୍ୟ ସଂଖ୍ୟା ବଢ଼ାଉଛନ୍ତି ବୋଲି ପୁରୁଣା କର୍ମୀମାନେ ଅଭିଯୋଗ ସହ ଶୋଭାଯାତ୍ରା ବି ବାହାର କରିଛନ୍ତି। ଏପରିକି କିଛି ନେତା ଓ କର୍ମୀ ଦଳର ରାଜ୍ୟ ମୁଖିଆଙ୍କ ନିକଟରେ ବାଇଧରଙ୍କ ବିରୋଧରେ ସଦସ୍ୟ ସଂଗ୍ରହ ସଂକ୍ରାନ୍ତରେ ସାଂଘାତିକ ଅଭିଯୋଗ କରିବା ସହ କାକଟପୁରରେ ଦଳୀୟ କାର୍ଯ୍ୟାଳୟରେ ତାଲା ଠୁକି ଦେଇଛନ୍ତି। ସହରର ବିଭିନ୍ନ ସ୍ଥାନରେ 'ବାଇଧର ହଟାଅ, ବିଜେପି ବଞ୍ଚାଅ' ପୋଷ୍ଟର ବି ଲଗାଇ ଦେଇଛନ୍ତି। ଦଳର କର୍ମୀଙ୍କ ଏହି ଯୁଦ୍ଧ ଘୋଷଣା ବାଇଧରଙ୍କ ପାଇଁ ବଡ଼ ଅଭାବନୀୟ ପରିସ୍ଥିତି ସୃଷ୍ଟି କରିଛି। ନିମାପଡ଼ାରେ ଆଉ ତାଙ୍କର ସ୍ଥାନ ନାହିଁ, ଏପଟେ କାକଟପୁରରେ ତାଙ୍କୁ କର୍ମୀ ଗ୍ରହଣ କରୁନାହାନ୍ତି; ଏପରି ଅବସ୍ଥାରେ ସିଏ ଯିବେ କୁଆଡ଼େ ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ। ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ। ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ।